୬ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଲେ ମହମ୍ମଦ ସିରାଜ୍





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୨୯ ● ୧୬ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-229 ● 16th September 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







## ୧୨ ଜିଲ୍ଲାରେ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

# ୨୫,୦୦୦ କୋଟିର ପୁଞ୍ଜିନିବେଶ : ୫୨ ହଜାରରୁ ଅଧିକ ନିଯୁକ୍ତି

ଭୁବନେଶ୍ୱର, ୧୫।୯

ନ୍ୟୁଜ୍ ବ୍ୟୁରୋ

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନ୍‌ଭେନ୍‌ସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସୂଚନାଯୋଗ୍ୟ ଯେ ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକ ମାନଙ୍କ ଆସ୍ଥା ବୃଦ୍ଧି ପାଉଛି । ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକ ମାନଙ୍କୁ ଆକୃଷ୍ଟ କରୁଛୁ । ମାନୁଫାକଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରି ପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆମ ସରକାର ମାତ୍ର ୧୫ ମାସ ହେବ ଓଡିଶାର ଶାସନ ଦାୟିତ୍ୱ ନେଇଛନ୍ତି । ଏହି ଅଳ୍ପ ସମୟ ମଧ୍ୟରେ ଆମ ସରକାର ୨୬୦ ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହିତ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ । ଏହା ଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି ।

ଶିଳ୍ପପତି ମାନଙ୍କୁ ଭରଷା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହିତ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । (ପୃଷ୍ଠା ୭ରେ)

## କୋଲକାତାରେ କମାଣ୍ଡର୍ସ କନ୍‌ଫରେନ୍ସ ଉଦ୍‌ଘାଟିତ

# ସଶସ୍ତ୍ର ସେନାର ଶୌର୍ଯ୍ୟକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

କୋଲକାତା, ୧୫।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ କୋଲକାତାର ବିଜୟ ଦୁର୍ଗସ୍ଥିତ ଭାରତୀୟ ସେନାର ପୂର୍ବ କମାଣ୍ଡର ମୁଖ୍ୟାଳୟରେ ତିନିଦିନିଆ ସଂଯୁକ୍ତ କମାଣ୍ଡର ସମ୍ମିଳନୀ(ସିସିସି)ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ସଶସ୍ତ୍ର ସେନାଙ୍କ ବାହାଦୂରୀ ଏବଂ 'ଅପରେସନ ସିନ୍ଦୂର'ରେ ନିଭାଇଥିବା ସେମାନଙ୍କ ଭୂମିକାର ପ୍ରଶଂସା କରିଛନ୍ତି।



ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯବାନଙ୍କ ମନୋବଳ ଏବଂ ସେମାନଙ୍କ ଯୋଶକୁ ବଢ଼ାଇଥିଲେ। ସେ କହିଥିଲେ ଯେ ସେନାମାନଙ୍କ ଯୋଗଦାନ କେବଳ ସୁରକ୍ଷା ପର୍ଯ୍ୟନ୍ତ ସୀମିତ ନୁହେଁ, ପରନ୍ତୁ ସେମାନେ ରାଷ୍ଟ୍ର ନିର୍ମାଣ ଦିଗରେ ମଧ୍ୟ ମୁଖ୍ୟ ଭୂମିକା ନିଭାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ସୈନ୍ୟ ସଞ୍ଚାଳନର ନୁହେଁ, ପରନ୍ତୁ ରାଷ୍ଟ୍ରୀୟ ସୁରକ୍ଷାର ବ୍ୟାପକ ରଣନୀତିର ମଞ୍ଚ। ସୁଧାର, ପରିବର୍ତ୍ତନ ଏବଂ ଭବିଷ୍ୟତର ପ୍ରସ୍ତୁତି- ଏହା ଆମର ଲକ୍ଷ୍ୟ ହେବା ଦରକାର। ସେ କହିଛନ୍ତି ଯେ ସେନାକୁ ନୂଆ ଟେକ୍‌ନିକ, ଡୋମେନ ଏକୀକରଣ ଏବଂ ସାଇବର ତଥା ସ୍ପେସ ସୁରକ୍ଷା ପରି କ୍ଷେତ୍ରରେ ମଧ୍ୟ ତୀବ୍ର ଭାବେ ସଶକ୍ତ ହେବାର ଆବଶ୍ୟକତା ଅଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ପୂର୍ଣ୍ଣିମାରେ ଏୟାରପୋର୍ଟ ସମେତ କେତେକ ଅନ୍ୟ ପରିଯୋଜନାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ଅବସରରେ ପିରପୈଂତି ଥର୍ମାଲ ପାୱାର ପ୍ଲାଣ୍ଟର ଶିଳାନ୍ୟାସ, ବିକ୍ରମଶିଳା କଟରିୟା ନୂଆ ରେଳ ଲାଇନ୍, କୋଶୀ ମେଚୀ ଅନ୍ତଃରାଜ୍ୟ ନଦୀ ସଂଯୋଗ ପରିଯୋଜନା, ସୁପୌଲରେ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, କଟିହାରରେ ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଦରଭଙ୍ଗାରେ ଜଳପୂର୍ତ୍ତି ପରିଯୋଜନା, କଟିହାରରେ ଜଳପୂର୍ତ୍ତି ପରିଯୋଜନା ଏବଂ ଭାଗଲପୁରରେ ଜଳପୂର୍ତ୍ତି ପରିଯୋଜନାର ଶିଳାନ୍ୟାସ କରିଛନ୍ତି।

ଏହାସହିତ ପ୍ରଧାନମନ୍ତ୍ରୀ ପୂର୍ଣ୍ଣିମା ଏୟାରପୋର୍ଟ ଏବଂ ଟର୍ମିନାଲ୍ ଭବନ, ଅରରିୟା-ଗଲଗଲିୟା ନୂଆ ରେଲଲାଇନ୍, ଭାଗଲପୁରରେ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ପୂର୍ଣ୍ଣିମାରେ ଶୁକ୍ରାଣୁ କେନ୍ଦ୍ର ଏବଂ ରାଷ୍ଟ୍ରୀୟ ମଖାନା ବୋର୍ଡ଼ର ଉଦ୍‌ଘାଟନ କରିଥିଲେ।

## ଆଜିର ମୁଖ୍ୟ ଖବର

- ଏସିଆ କପ୍‌ରେ ପାକିସ୍ତାନକୁ ହରାଇବା ପରେ ସୂର୍ଯ୍ୟକୁମାର ଯାଦବଙ୍କ 'ପହଲଗାମ' ପୀଡିତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ।
- କନ୍ୟା ଶିଶୁ ସୁରକ୍ଷା ପାଇଁ ସମାଜର ଏକତ୍ର ପ୍ରୟାସ ଜରୁରୀ : ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଚିଫ୍ ଜଷ୍ଟିସ୍।
- ମାରୁତି ସୁଜୁକିର ସେୟାର୍ ପତନ।
- ୧୫–୨୧ ସେପ୍ଟେମ୍ବର ବ୍ୟାଙ୍କ ଛୁଟି ସୂଚୀ ପ୍ରକାଶ।
- ଛାତ୍ରଛାତ୍ରୀଙ୍କୁ ପାଦସ୍ପର୍ଶ ନକରିବାକୁ ନେଇ ମାରିଥିବାରୁ ସରକାରୀ ଶିକ୍ଷିକା ସସ୍‌ପେଣ୍ଡ।
- ଲାଞ୍ଚ ନେବା ମାମଲାରେ ଓଏଏସ ଟପ୍‌ରଙ୍କୁ ଗିରଫ କଲା ଭିଜିଲାନ୍ସ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୦୬ (-୧୧)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୮୦ (-୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୨୯ (-୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୩ (+୦)

# ନୂଆପଡ଼ା ଉପ-ନିର୍ବାଚନ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସର୍ବ ଦଳୀୟ ବୈଠକ

ଭୁବନେଶ୍ୱର, ୧୫।୯

ନ୍ୟୁଜ୍ ବ୍ୟୁରୋ

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୧.୦୭.୨୦୨୫ କୁ ଯୋଗ୍ୟତା ତାରିଖ ରଖି, ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ସୋମବାର ଭୁବନେଶ୍ୱରରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ (ପୃଷ୍ଠା ୭ରେ)



# ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍ ଶୁଭାରମ୍ଭ

ଭୁବନେଶ୍ୱର, ୧୫।୯

ନ୍ୟୁଜ୍ ବ୍ୟୁରୋ

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବେ ନାହିଁ । ଏହି ଅଭିଯୋଗ ସମାଧାନ ମଡ୍ୟୁଲ ଯୋଜନାର ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତ୍ତିକୁ ସୁନିଶ୍ଚିତ କରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି ।




ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ ଓ ସୁଗମ କରିବା ନିମନ୍ତେ ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ "ସୁଭଦ୍ରା ଅଭିଯୋଗ (ପୃଷ୍ଠା ୭ରେ)

## ପରୀକ୍ଷା ନିୟମ କଡ଼ାକଡ଼ି କଲା ସିବିଏସ୍‌ଇ

# ଛାତ୍ରଛାତ୍ରୀଙ୍କ ପାଇଁ ଅତିକମ୍‌ରେ ୭୫% ଉପସ୍ଥାନ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୫।୯

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ (ସିବିଏସ୍‌ଇ) ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଅନୁଯାୟୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ନୂଆ ନିର୍ଦ୍ଦେଶିକା ଜାରି କରିଛି।

ନୂଆ ନିୟମ ଅନୁସାରେ, ପରୀକ୍ଷାରେ ବସିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅତିକମ୍‌ରେ ୭୫% ଉପସ୍ଥାନ ଓ ଦୁଇ ବର୍ଷର ଅଧ୍ୟୟନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ। ସିବିଏସ୍‌ଇ ସ୍ପଷ୍ଟ କରିଛି ଯେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଦୁଇ ବର୍ଷର କାର୍ଯ୍ୟକ୍ରମ ଭାବେ ଗଣାଯିବ, ଯଥାକ୍ରମେ ୯ମ-୧୦ମ ଓ ଏକାଦଶ-ଦ୍ୱାଦଶ ଶ୍ରେଣୀ। ଛାତ୍ରଛାତ୍ରୀଙ୍କୁ ସମସ୍ତ ବିଷୟ ପୂରା ଅବଧି ପାଇଁ ଅଧ୍ୟୟନ କରିବାକୁ ହେବ। ଏହା (ପୃଷ୍ଠା ୭ରେ)

## ୭ ବିଭାଗରେ ୧୬୮୬ ଜଣଙ୍କୁ ନିଯୁକ୍ତି

# ସଚ୍ଚୋଟତାକୁ ୱାର୍କ କଲ୍‌ଚରର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ

ଭୁବନେଶ୍ୱର, ୧୫।୯

ନ୍ୟୁଜ୍ ବ୍ୟୁରୋ

ସରକାରୀ ଚାକିରୀ କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରିନଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ସୋମବାର ମୁଖ୍ୟମନ୍ତ୍ରୀ




ମୋହନ ଚରଣ ମାଝୀ ନିଯୁକ୍ତି ମେଳା ଅବସରରେ ନବ ନିଯୁକ୍ତ ଅଧିକାରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆ ଠାରେ ଏକାଦଶତମ ନିଯୁକ୍ତି ମେଳା (ପୃଷ୍ଠା ୭ରେ)

## ଏକାଳ ପଖାଳ



ଶହେ ଅଠେଇଶିରେ ଜାକିଲା ଲାଙ୍ଗୁଡ
ଖାଇଲାବି ବହେ ମାଡ
ମୁଁହ ଫୁଟାଣିଟା ଫୁସୁକି ଗଲା
ଶୀତେଇ ଉଠିଲା ହାଡ
ମ୍ୟାଚ୍ ମଝି କଥା ଛାଡ
କରମର୍ଦ୍ଦନ ଟିକେ ମିଳିଲାନି ତାକୁ
ପାକିସ୍ତାନ ହେଲା ମଢ ।

# ଭାରତ ସହ ସମ୍ପର୍କ ସୁଧାରିବାକୁ ଟ୍ରମ୍ପ ବ୍ୟାକୁଳ




ନୂଆଦିଲ୍ଲୀ, ୧୫।୯

ଭାରତକୁ ଅକଳରେ ପକାଇବାକୁ ଆମେରିକାର ଅପଚେଷ୍ଟା ବିଫଳ ହେବା ପରେ ଏବେ ସମ୍ପର୍କ ସୁଧାରିବାକୁ ଛଟପଟ ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏସସିଓ ସମ୍ମିଳନୀରେ ଭାରତ-ଚୀନ-ଋଷ ଗୋଟିଏ ମଞ୍ଚରେ ଏକାଠି ହେବା ପରେ ଟ୍ରମ୍ପଙ୍କ ନିଦ ହଜିଯାଇଛି। ସେବେଠାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ନରମ ମନୋଭାବ ପରିପ୍ରକାଶ କରୁଥିବାବେଳେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ରାଜିନାମା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଯେଉଁଥିପାଇଁ ଆମେରିକାର ମୁଖ୍ୟ ମଧ୍ୟସ୍ଥ ସୋମବାର ରାତି ସୁଦ୍ଧା ଭାରତରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ଏବଂ ମଙ୍ଗଳବାରଠାରୁ ରାଜିନାମା ସମ୍ପର୍କରେ ପୁନର୍ବାର ଆଲୋଚନା ଆରମ୍ଭ ହେବ।

ଭାରତ ରୁଷଠାରୁ ତୈଳ ଆମଦାନୀ ବନ୍ଦ ନ କରିବାରୁ ଭାରତ-ଆମେରିକା ବାଣିଜ୍ୟିକ ରାଜିନାମା ଆଗକୁ ବଢ଼ିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଥିଲେ। ଏପରି କି ଆମେରିକୀୟ ଉତ୍ପାଦ ଉପରେ କୌଣସି ଶୁଳ୍କ ଲାଗୁ ନ କରିବାକୁ ଭାରତର ପ୍ରସ୍ତାବକୁ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କିନ୍ତୁ ଟ୍ରମ୍ପ ଭାରତକୁ ଅକଳରେ ପକାଇବାକୁ (ପୃଷ୍ଠା ୭ରେ)

# ଦେବଦାସ ଛୋଟରାୟ ପାଇବେ ୪୬ତମ ଶାରଳା ପୁରସ୍କାର



ଦେବଦାସ ଛୋଟରାୟ



ବଳଦେବ ମହାରଥୀ



ଗୁରୁ ରାମହରି ଦାସ

ଭୁବନେଶ୍ୱର, ୧୫।୯

ନ୍ୟୁଜ୍ ବ୍ୟୁରୋ

ଶ୍ରେଷ୍ଠ ସାହିତ୍ୟ କୃତୀ ପାଇଁ ପ୍ରତି ବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଆଗାମୀ ଅକ୍ଟୋବର ୨୬ ତାରିଖରେ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ସେପ୍ଟେମ୍ବର,ମଙ୍ଗଳବାର ୨୦୨୫





# ଗଞ୍ଜାମ ସହରକୁ ସଂଯୋଗ ବିଭିନ୍ନ ରାସ୍ତା ଏବେ ପାଲଟିଛି ମରଣ ଯନ୍ତା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**



ବାରଟି ୱାର୍ଡକୁ ନେଇ ଗଞ୍ଜାମ ଏନଏସି ଗଠିତ। ସହରକୁ ସଂଯୋଗ ବିଭିନ୍ନ ରାସ୍ତା ଏବେ ମରଣ ଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ସାନ ବଜାର ରାଉଳ ସାହି, ଷ୍ଟେଟ ବ୍ୟାଙ୍କ ଗଳି, ଭାରତୀ ବିଦ୍ୟାପୀଠ ସମ୍ମୁଖ ବ୍ରାହ୍ମଣ ଢମଣା ସାହି ଗଳି, ଦାସ ସାହି ଗଳି, ଯାତ୍ରୀ ବିଶ୍ରାମା ଗାର ଗଳି,ଓଡ଼ିଆ ଢମଣା ସାହି ଗଳି ରାସ୍ତା ତଥା ଜାତୀୟ ରାଜପଥ ସଂଯୋଗ ରାସ୍ତା ଏବଂ ତ୍ରିବେଣୀ ମଠ ଗଳି ଠାରୁ ପୁଇଁତୋଳା ଗ୍ରାମକୁ ସଂଯୋଗ ରାସ୍ତା ଅବସ୍ଥା ନକହିବା ଭଲ। ଏଥିସହ ବିଭିନ୍ନ ସାହିର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଘରକୁ ପାଇପ ଲାଇନ ନେବା ସମୟରେ ଲୋକେ ରୋଡ଼ କାଟି ପାଇପ ପକେଇ ଛାଡ଼ି ଦେଇଥିବା ଯୋଗୁଁ ମୋଟର ସାଇକେଲ ଓ ସାଇକେଲରେ ଯାଉଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହାଲରେ ମତ ପ୍ରକାଶ ପାଇଛି। ବଜାର ମଝି ଭାରତୀ ବିଦ୍ୟାପୀଠ ସ୍କୁଲ ନିକଟରେ ଏବଂ ସାନବଜାର ଠାରେ ଥିବା ଶନିମନ୍ଦିର ନିକଟରେ ଓ ମଳୟ ବେହେରାଙ୍କ ଗେରେଜ ସମ୍ମୁଖରେ ରାସ୍ତାରୁ ପିଚୁ ଉଠିଯାଇ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସହରର ମୁଖ୍ୟ ରାସ୍ତା ହେତୁ ଦୈନନ୍ଦିନ ଶହ ଶହ ଲୋକ ବିଭିନ୍ନ କାମରେ ବଜାରକୁ ଆସିଥାନ୍ତି। ଆଗକୁ ପାର୍ବଣ ଋତୁ। ବଜାର ସହ ବିଭିନ୍ନ ସାହି ଗୁଡିକରେ ଜନଗହଳି ପୂର୍ଣ୍ଣ ରହିବ ଏହି ଦୃଷ୍ଟି କୋଣରୁ ଯୁଦ୍ଧକାଳୀନ ଭିତ୍ତିରେ ସାହି ରାସ୍ତା ମରାମତି କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରେ ବିଭିନ୍ନ ସାହି ରାସ୍ତା ମରାମତି ଓ ନିର୍ମାଣ ପାଇଁ କାଉନସିଲ ବୈଠକରେ ରିଜୁଲେସନ ହୋଇଛି ଏବଂ କିଛି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।

# ୭୩୫୭ ଜନସଂଖ୍ୟାରେ ଜଣେ ଡାକ୍ତର : ୭୦ ଭାଗ ଡାକ୍ତର ପଦ ଖାଲି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ବିଭିନ୍ନ ଦୃଷ୍ଟିରୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା। ଏଠାରେ ପଶ୍ଚିମ ଓଡ଼ିଶାର ପ୍ରଶାସନିକ ମୁଖ୍ୟାଳୟ ଥିବା ବେଳେ ଚିକିତ୍ସା କ୍ଷେତ୍ରରେ ବୁର୍ଲା ବଡ଼ ଡାକ୍ତରଖାନା ଅଛି। ହେଲେ ଚିକିତ୍ସା ସେବାରୁ ଆରମ୍ଭ କରି ଭିତ୍ତିଭୂମି ପର୍ଯ୍ୟନ୍ତ ଅନ୍ୟ ଜିଲ୍ଲା ତୁଳନାରେ ବେଶ୍ ପଛରେ ରହିଯାଇଥିବା ନଜର ଆସେ। ଦିନକ ପୂର୍ବରୁ ଜିଲ୍ଲାର ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ସେନାଘାଟିରେ ଆମ୍ବୁଲାନ୍ସ ପହଞ୍ଚିବା ଭଳି ରାସ୍ତା ନ ଥିବା ହେତୁ ରୋଗୀଙ୍କୁ ୩ କିଲୋମିଟର ଖଟିଆରେ ବୁହା ହୋଇଥିବା ଖବର ରାଜ୍ୟସ୍ତରରେ ସଚେତନ ନାଗରିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଜିଲ୍ଲାରେ ଏବେ ମଧ୍ୟ ଅନେକ ଗାଁରେ ଗମନାଗମନ ସ୍ଥିତି ଏହିଭଳି ରହିଛି। ତା ଛଡ଼ା ଗ୍ରାମାଞ୍ଚଳରେ ଖୋଲିଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବାହାର ଚାକଚକ୍ୟ ହୋଇଥିଲେ ହେଁ ବିଶେଷ କିଛି ସୁବିଧା ନ ଥିବା ହେତୁ ରୋଗୀ ଛୋଟ ଛୋଟ ଚିକିତ୍ସା ସେବା ପାଇଁ ବଡ଼ ସହର ଉପରେ ନିର୍ଭର କରୁଛନ୍ତି ଅଥବା ଗ୍ରାମାଞ୍ଚଳରେ ଥିବା କ୍ୱାକ୍ କିମ୍ବା ଘରୋଇ ଡାକ୍ତରମାନଙ୍କ ପାଖକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ସମ୍ବଲପୁର ଜିଲ୍ଲାରେ ବର୍ତ୍ତମାନର ଜନସଂଖ୍ୟା ହାରାହାରି ୧୨ଲକ୍ଷ ୩୬ହଜାର। ଜିଲାରେ କାର୍ଯ୍ୟରତ ସରକାରୀ ଡାକ୍ତରଙ୍କ ସଂଖ୍ୟା ହେଉଛି ୧୬୮। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦିଶା ନିର୍ଦ୍ଦେଶ ଅନୁସାରେ ପ୍ରତି ୧ ହଜାର ଜନସଂଖ୍ୟାରେ ଜଣେ ଡାକ୍ତର ରହିବା କଥା। ହେଲେ ସମ୍ବଲପୁର ଜିଲ୍ଲାରେ ଏହି ଅନୁପାତ ଦେଖିବାକୁ ଗଲେ ୭୩୫୭ ଜନସଂଖ୍ୟାରେ ଜଣେ ଡାକ୍ତର ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଏଠାରେ ସମୁଦାୟ ୫୧୦ଟି ଅନୁମୋଦିତ ଡାକ୍ତର ପଦରୁ ୩୪୨ଟି ପଦ ଖାଲି ଅଛି। ଯାହାକି ପାଖାପାଖି ୭୦ ପ୍ରତିଶତ। ଅନୁରୂପ ଭାବେ ନର୍ସିଂ ଅଫିସର ବା ସେବିକା ୫୬୫ଟି ଅନୁମୋଦିତ ପଦ ଥିବା ବେଳେ ମାତ୍ର ୩୦୨ଜଣ କାର୍ଯ୍ୟରତ। ୨୬୫ଟି ପଦ ଖାଲି ରହିଛି।

## ଦୁର୍ଘଟଣାରେ ଗୋଡ଼ ଓ ଚାକିରି ହରାଇ ଥିବା ଅଧ୍ୟାପକଙ୍କୁ ମିଳିଲା ସହାୟତା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଣେ କର୍ତ୍ତବ୍ୟରତ ଅଧ୍ୟାପକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନିଜର ଗୋଡ଼ ଓ ଚାକିରି ହରାଇଥିବାରୁ ତାଙ୍କୁ ବୀମା କମ୍ପାନୀ ତରଫରୁ ୧୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗରଜଙ୍ଗ କଲେଜର ଅଧ୍ୟାପକ ଅର୍ଜୁନ ଚରଣ ନାୟକ ୧୮.୦୩.୨୦୨୪ ମସିହାରେ କଲେଜରୁ ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ସମୟରେ ମଠ ନିକଟରେ ଏକ ଦ୍ରୁତଗାମୀ ଜେସିବି ତାଙ୍କ ବାମ ଗୋଡ଼ ଉପରେ ଚଢ଼ଇ ଦେଇଥିଲା। ଫଳରେ ତାଙ୍କର ବାମ ଗୋଡ଼ କଟା ହେବା ସହ ସେ ଚାକିରି ମଧ୍ୟ ହରାଇଥିଲେ। ଏହାକୁ ବିଚାରକୁ ନେଇ ଜିଲ୍ଲା ଦୌରାଜଜ ଲୁନା ମହନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଧ୍ୟାପକ ଶ୍ରୀ ନାୟକଙ୍କୁ ୧୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ଅଧିକାରୀ ପରିଚାଳନା କରୁଥିବା ବେଳେ ମହମ୍ମଦ ନଇମ, ଶଶିଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଉଟ ସୋର୍ସିଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଅନେକ କର୍ମଚାରୀ ୧୦/୧୨ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ନିଯୁକ୍ତି ପତ୍ର ନମିଳିବା, ସେମାନଙ୍କ ଇପିଏଫ/ଇଏସଆଇର ତଥ୍ୟ ମିଳୁ ନଥିବା, ନିୟମିତ ଦରମା ନମିଳିବା, ସରକାର ଦରମା ବୃଦ୍ଧି କରିଥିଲେ ମଧ୍ୟ ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ବର୍ଦ୍ଧିତ ଦରମା ମିଳୁନଥିବା ପ୍ରମୁଖ ଅଭିଯୋଗ କରାଯାଇଛି। ଜିଲ୍ଲା ଆଉଟ୍ ସୋର୍ସିଂ କର୍ମଚାରୀ ସଂଘର ସଦସ୍ୟମାନେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରି ସମସ୍ୟାର ସମାଧାନ ପାଇଁ କହିଥିଲେ।

# ଆଇନ ଶୃଙ୍ଖଳା ଭୁଶୁଡୁଛି : ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ଆଇନ ଶୃଙ୍ଖଳା ଭୁଶୁଡ଼ିବାରେ ଲାଗିଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ବିଭାଗ ବିଶୃଙ୍ଖଳା ବିରୋଧରେ ବଲାଙ୍ଗୀର ଏସ୍‌ପି ଅଭିଲାଷଜୀ ବଡ଼ ପଦକ୍ଷେପ ନେଇଛନ୍ତି। ହେଲେ ଏସ୍‌ପିଙ୍କ ନିର୍ଦ୍ଦେଶକୁ ମାନୁଛି କିଏ? ଗତ କିଛିଦିନ ତଳେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ସ୍ୱାମୀ ଦାଦାଗିରି ପୂରା ରାଜ୍ୟରେ ପୋଲିସ୍ ବଦନାମ ହୋଇଥିଲା। ଲୋକେ ଥାନା ଘେରାଉ କରିଥିଲେ, ହେଲେ ପୋଲିସ ଅଧିକାରୀ ନିଜ ସ୍ୱାମୀ ସୁରକ୍ଷା କରିଥିବା ବେଳେ ଲୋକଙ୍କ ସୁରକ୍ଷା କିଭଳି ଦେଇପାରିବ ବୋଲି ଲୋକେ ନାନାଦି ପ୍ରଶ୍ନ ଉଠାଇଥିଲେ। କଣ୍ଟାବାଞ୍ଜି ଥାନା ଅଧିକାରୀ କାର୍ଯ୍ୟକାଳରେ ବେଆଇନ କାର୍ଯ୍ୟ ବଢ଼ି ଚାଲିଥିବା ନଜିର ରହିଛି। କ୍ରିକେଟ ସଟ୍ଟା, ଜୁଆ ଖେଳ, ବେଆଇନ ଗଞ୍ଜି, ସହ ବିଭିନ୍ନ ମାମଲାରେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ସଲାସୁତରା ରହିଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ପୋଲିସର ଚିଠି ନମ୍ବର ୩୨୧୬ ଅନୁଯାୟୀ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ସଇଁତଲା ଥାନାକୁ ବଦଳି ହୋଇଛି। ହେଲେ କାହିଁକି ଆଜି ଯାଏଁ କଣ୍ଟାବାଞ୍ଜି ଥାନା ଛାଡ଼ିଯିବା ବଦଳି ହୋଇଥିବା ଜାଗାକୁ ଯିବା ପାଇଁ ଆଗ୍ରହ କରୁନାହାନ୍ତି ତାହାକୁ ନେଇ ସ୍ଥାନୀୟ ସହରରେ ବେଶ୍ ଚର୍ଚ୍ଚା ହେଉଛି। ବିବାଦୀୟ ଥାନା ଅଧିକାରୀ ବଦଳି ହୋଇଥିବା ପରେ ମଧ୍ୟ ଥାନା ଛାଡ଼ିବା ପାଇଁ ବଡ଼ବଡ଼ିଆ ନେତାଙ୍କ ଆଶୀର୍ବାଦ ରହିଛି କି? ଦାଦନ ସର୍ଦ୍ଦାରମାନେ ଲବି କରୁଛନ୍ତି ଓ ଏସ୍‌ପିଙ୍କୁ ଚାପ୍ ଦେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକୁ ବଡ଼ ବାବୁଙ୍କ ବେଖାତିର କାହିଁକି ତାହାକୁ ନେଇ ଏବେ ସନ୍ଦେହ ଦେଖାଦେଇଛି। କେବେ ବଦଳିବେ ଆଇଆଇସି ତାହା ଅଞ୍ଚଳବାସୀଙ୍କ ଅପେକ୍ଷା। ଅନ୍ୟପକ୍ଷେ କିଛି ଲୋକଙ୍କ କଥା କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା ଯେମିତି ହେଲେ ଦାଦନ ଋତୁରେ କଣ୍ଟାବାଞ୍ଜିରେ ରହିବା ପାଇଁ ଏସ୍‌ପି ଓ ଡିଆଇଜି ସମ୍ବଲପୁର ଉପରେ ଚାପ ପାଇଁ ବଲାଙ୍ଗୀର ଜିଲ୍ଲାରେ ଗୋଟିଏ ହେବିଓ୍ୱେଟ୍ ବିଜେପି ନେତା ନେହୁରା ହେଉଥିବା ଅଭିଯୋଗ ହୋଇଛି। ନିଜର ମେଡ଼ିକାଲ ଗ୍ରାଉଣ୍ଡ ବା ନିଜର ଛୁଆ ପାଠପଢ଼ାକୁ ଆଳ କରୁଥିବା ଅଭିଯୋଗ ହେଉଛି। ତାଙ୍କ ପାଇଁ ବଲାଙ୍ଗୀର ଜିଲ୍ଲା ପୋଲିସ୍ ଅଫିସର ଗୋଟିଏ ଅଫିସର ମଧ୍ୟ ଏସ୍‌ପିଙ୍କ ନିକଟରେ ଲବି କରୁଥିବା ଅଭିଯୋଗ ହେଉଛି, ଦେଖିବାକୁ ବାକି ରହିଲା ଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ କାୟମ ରହୁଛି କି?

# ସାର ପାଇଁ ରାତି ଉଜାଗର ଚାଷୀ ଲାଇନ୍‌ରେ ରହିଛି ବ୍ୟାଗ୍-ଆଧାରକାର୍ଡ



**ବଣାଇ, ନ୍ୟୁଜ୍‌ବ୍ୟୁରୋ**

ସାର ପାଇଁ ଲାଇନ ଲାଗିଛି ଆଧାରକାର୍ଡ ଓ ବ୍ୟାଗ୍। ଚାଷୀଟିଏ ସାମାନ୍ୟ ସାର ଟିକେ ପାଇଁ ଦିନଦିନ ଧରି ଅପେକ୍ଷା କରୁଥିବା ବେଳେ ନରେନ୍ଦ୍ର ଲ୍ୟାମ୍ପସକୁ ସାର ଆସିଥିବା ଖବର ଶୁଣି ରାତି ଉଜାଗର ହୋଇ ଲାଇନ୍ ଲଗାଇଥିଲେ। ଚାଷୀ ପାଇଁ ସାର ଏବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଚାଷ ଠିକ୍ ଭାବେ ହେବ ବୋଲି ସାର ମୁଠେ ପାଇଁ ଚାଷୀ ଏବେ ସମ୍ପର୍କ ଭୁଲିବାକୁ ପଛାଉନାହିଁ। ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗୁରୁଣ୍ଡିଆ ବ୍ଲକର ନରେନ୍ଦ୍ର ଲ୍ୟାମ୍ପରେ। ପୂର୍ବରୁ ଅନେକଥର ଲ୍ୟାମ୍ପକୁ ଆସି ଫେରି ଯାଉଥିବା ଚାଷୀମାନେ ସାର ଆସିବା ଖବର ପାଇ ଗତ ରାତିରୁ ଲାଇନ ଲାଗିଥିଲେ। ନିଜେ ଉପସ୍ଥିତ ଥିବା ଲାଇନରେ ଆଧାର କାର୍ଡ ଓ ବ୍ୟାଗକୁ ସନ୍ତକ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୌଦ୍ଧ ବ୍ଲକ ବଡିଗାଁ ଗ୍ରାମପଞ୍ଚାୟତର ଅନ୍ତର୍ଗତ ଇଚ୍ଛାପୁର ଗ୍ରାମକୁ ପରିଦର୍ଶନ କରିଥିଲେ। ଉକ୍ତ ଗ୍ରାମରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ହେବାକୁ ଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ଚାଲିଥିବା ଗାତ ଖୋଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଟାଉନ୍ ହଲ୍‌ର ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ଦେବାଳୟ ସୁରକ୍ଷା କମିଟି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ସହର ମଧ୍ୟରେ ଟାଉନ ହଲ୍‌ର ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ସାଂସ୍କୃତିକ ମନ୍ତ୍ରୀଙ୍କ ବଲାଙ୍ଗୀର ଜିଲ୍ଲାପାଳଙ୍କ ଜରିଆରେ ଟାଉନ ହଲ୍ ପୁନରୁର୍ଦ୍ଧାର ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକୁ ବଲାଙ୍ଗୀରରେ ୧୯୯୨ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସେ ସମୟରେ ସହର ମଧ୍ୟରେ ବଲାଙ୍ଗୀର ଟାଉନ ହଲ୍ ଉଦ୍‌ଘାଟନ ହୋଇଥିଲା। ଦୀର୍ଘ ୩୩ ବର୍ଷ ହେବ ଟାଉନ୍ ହଲ ବିଭିନ୍ନ କାର୍ଯ୍ୟକ୍ରମ, ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ, ସଭାସମିତି, ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ, ନୂଆଁଖାଇ ଭେଟଘାଟ ଓ କଳା ସଂସ୍କୃତିର ବିଭିନ୍ନ କାର୍ଯ୍ୟକ୍ରମ ଏହି ହଲ୍‌ରେ ଆୟୋଜିତ ହେଉଥିଲା। ସହର ମଧ୍ୟରେ ୫୦୦ ବିଶିଷ୍ଟ ଉର୍ଦ୍ଧ୍ୱ ଚେୟାର ସମେତ ପାଖରେ ଥିବାରୁ ଲୋକଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସୁଅ ଛୁଟୁଥିଲା। ଏହା ବଲାଙ୍ଗୀର ଲୋକଙ୍କ ପାଇଁ କେନ୍ଦ୍ରସ୍ଥଳୀ ପାଲଟିଥିଲା। ଏବେ ଦୀର୍ଘ ବର୍ଷ ହେବ ଆବର୍ଜନାରେ ପୋତି ହୋଇଯାଇଛି ସହରର ଟାଉନ ହଲ। ବଲାଙ୍ଗୀରର ବୁଦ୍ଧିଜୀବୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ମଧ୍ୟ କିଛି କାର୍ଯ୍ୟକାରୀ ନହେବାରୁ ଦୀର୍ଘ ୭ ବର୍ଷ ହେବ କେବଳ ମରାମତି ନାଁରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମାଟିରେ ମିଶିଯାଇଛି। ଏହାର ତଦନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ସୌନ୍ଦର୍ଯ୍ୟକରଣ ଖୁବ୍‌ଶୀଘ୍ର ମରାମତି କରି ପୁନର୍ବାର ଚଳାଇବାକୁ ଦାବି। ଏହି ଟାଉନ ହଲକୁ ପୁନର୍ବାର ବିଚାର କରି ଚଳେଇଲେ ରାଜ୍ୟକୋଷକୁ ବିଭିନ୍ନ ଅର୍ଥ ଆସିବ ଏବଂ ବଲାଙ୍ଗୀର ସହରର କଳା ସଂସ୍କୃତି ପୁନରୁଦ୍ଧାର ହେବ ଏବଂ ଲୋକ ଉପକୃତ ହେବେ। ଏହି ଦାବି ପ୍ରଦାନକୁ ଉପ-ଜିଲ୍ଲାପାଳ ବିଜୟାନନ୍ଦ ସେଠିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ସୁଶାନ୍ତ ପ୍ରଧାନ, ଶମ୍ଭୁ ଶତପଥି, ରିଂଟୁ ସାହୁ ଉପସ୍ଥିତ ଥିଲେ।

# ଅସ୍ଥାୟୀ ଦୋକାନ ଉଚ୍ଛେଦ : ଥଇଥାନ ପାଇଁ ଦାବି

**ଭୁବନ, ନ୍ୟୁଜ୍‌ବ୍ୟୁରୋ**

ଭୁବନ ଏନ୍‌ଏସି ଅନ୍ତର୍ଗତ ନୂଆ ବଜାର (ବସ୍‌ଷ୍ଟାଣ୍ଡ) ଠାରୁ କାଳୀ ବଜାର ରାସ୍ତା ଅବରୋଧ କରି ଅସ୍ଥାୟୀ ଭାବେ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଏହି ରାସ୍ତା ସର୍ବଦା ଜାମ୍ ରହୁଥିବାରୁ ରାସ୍ତା ଚଉଡ଼ା କରିବା ସକାଶେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଅସ୍ଥାୟୀ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନେ ଦୋକାନ ଉଚ୍ଛେଦ କରୁ ନଥିବାରୁ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ,ଆଇ ଆଇସି ଜିତେନ୍ଦ୍ର ମଲ୍ଲିକ ପୋଲିସ ଫୋର୍ସଙ୍କ ସହାୟତାରେ ଜେସିବି ଲଗାଇ ବଳପୂର୍ବକ ଉଚ୍ଛେଦ କରିଥିଲେ। ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଓ ରାସ୍ତାକୁ ମାଡ଼ି ଥିବା ଦୋକାନ ଉଚ୍ଛେଦ କରାଯିବା ପରେ ଜୀବିକା ହରାଇ ବ୍ୟବସାୟୀ ମାନେ ହତୋତ୍ସାହ ହୋଇ ପଡ଼ିଛନ୍ତି। ଯଥାଶୀଘ୍ର ସେମାନଙ୍କୁ ଥଇଥାନ କରାଯିବାକୁ ଜନ ସାଧାରଣରେ ଦାବି ହୋଇଛି।

# ବିଦ୍ୟାଳୟକୁ ରାସ୍ତା ନାହିଁ : ବିଲ ହୁଡ଼ାରେ ଯାଉଛନ୍ତି ଛାତ୍ରଛାତ୍ରୀ



**କଲ୍ୟାଣସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ଗୁଡ଼ା ପଞ୍ଚାୟତର କୁମ୍ଭାରସାହି ବିଦ୍ୟାଳୟକୁ ରାସ୍ତା ନ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବିଲ ହୁଡ଼ା ପାଲଟିଛି ଛାତ୍ରଛାତ୍ରୀଙ୍କ ରାସ୍ତା। ବିଲ ହୁଡ଼ାରେ ସେମାନେ ନିୟମିତ ଯାତାୟାତ କରୁଛନ୍ତି।

କୁମ୍ଭାରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ୨୦୧୦ରେ ସ୍ଥାପିତ ହୋଇଛି। ବର୍ତ୍ତମାନ ଶିଶୁ ବାଟିକାଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଦୁଇଜଣ ଶିକ୍ଷୟିତ୍ରୀ ରହିଛନ୍ତି। ବିଦ୍ୟାଳୟଟି ପଥର ଚାଞ୍ଚଡା ଉପରେ ରହିଥିବା ବେଳେ ତାର ଚାରି ଆଡ଼େ ଚାଷ ଜମି ରହିଛି। ଖରା, ବର୍ଷା, ଶୀତ ସବୁବେଳେ ଚାଷ ଜମି ହିଡ଼ ଦେଇ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ବହୁତ ଅସୁବିଧାରେ ଯାଉଥିବା ବେଳେ ବର୍ଷା ଦିନରେ ଉକ୍ତ ରାସ୍ତାରେ ଯିବା ବହୁ କଷ୍ଟକର ହୋଇପଡୁଛି। ସବୁବେଳେ ବିଲରେ ପାଣି ଯାଉଥିବାରୁ ଛୋଟ ଛୋଟ ପିଲାମାନେ ଉକ୍ତ ରାସ୍ତାରେ ଯିବା ବେଳେ କାଦୁଅ ରାସ୍ତାରେ ଗୋଡ଼ଖସି ତଳେ ପଡ଼ିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଚାଷ ସମୟ ହୋଇଥିବାରୁ ଗୋରୁ ଭୟରେ ଚାଷୀମାନେ ଚାରିଆଡ଼େ ବାଡ଼ ପକାଇ କେବଳ ବିଦ୍ୟାଳୟକୁ ଯିବା ପାଇଁ ଡିଆଁ ବାଡ଼ କରିଛନ୍ତି। ଯାହା ଦ୍ୱାରା ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ଦେଉଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟକୁ ଯିବାକୁ ଭଲ ରାସ୍ତା ତିଆରି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ : ୨୪୦୦ ମାମଲା ଫଇସଲା, ୨.୫ କୋଟି ଆଦାୟ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଲୁନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୯୧୫ଟି ମାମଲା ପଞ୍ଜିକରଣ ହୋଇଥିବା ବେଳେ ୨୪୧୯ଟି ମାମଲା ଫଇସଲା ହୋଇ ପ୍ରାୟ ୨.୫ କୋଟି ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ଏହି ମାମଲା ଗୁଡିକ ମଧ୍ୟରେ ସାଲିସ ଫୌଜଦାରୀ, ଚେକ୍ ବାଉନ୍ସ, ଟଙ୍କା ପୁନରୁଦ୍ଧାର, ବିଭିନ୍ନ ରାଜସ୍ୱ ମାମଲା, ଦେୱାନୀ ମକଦ୍ଦମା, ଅନ୍ୟାନ୍ୟ ମାମଲାଗୁଡିକ ରହିଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପରମିତା ରାଉଳ, ବିଷ୍ଣୁଦେବ ଜେନା, ପରିବାର ଅଦାଲତର ଦେବାଶିଷ ପଣ୍ଡା, ସିଜେଏମ୍ ସରିତା ମହାନ୍ତି, ସିଭିଲ ଜଜ୍ ଅନ୍ନପୂର୍ଣ୍ଣା ନାୟକଙ୍କ ସମେତ ଅନ୍ୟ ବିଚାରପତି ମାନେ ଉପସ୍ଥିତ ଥିଲେ।

## ଯାଜପୁର କଂଗ୍ରେସର ସୃଜନ ଅଭିଯାନ : ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ



**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟାଗତ ୮ ତାରିଖରୁ ଆରମ୍ଭ ହୋଇଛି। ଜିଲ୍ଲାରେ ଥିବା ୧୦ ଗୋଟି ବ୍ଲକ ଓ ୨ ଗୋଟି ମ୍ୟୁନିସିପାଲିଟିରେ ପୃଥକ ପୃଥକ ଭାବେ କର୍ମୀ ମାନଙ୍କୁ ଏକତ୍ରିତ କରି ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଏଆଇସିସି ଦ୍ୱାରା ନିଯୁକ୍ତ ପ୍ରର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସାଂସଦ ଓ ଏଆଇସିସିର ସାଧାରଣ ସମ୍ପାଦକ ଚାରୁଲତା ଟୋକାଶଙ୍କୁ ସଭାପତି ମାଲିକାର୍ଜୁନ ଖଡ଼ଗେ ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ନିଯୁକ୍ତ କରିଛନ୍ତି। ଯାଜପୁର ଜିଲ୍ଲାରେ କଂଗ୍ରେସ ଦଳ ଦୁର୍ବଳକୁ ନେଇ ରାଜ୍ୟ କଂଗ୍ରେସ ଚିନ୍ତିତ ଥିବା ବେଳେ ପୁରୁଣା ନେତୃତ୍ୱକୁ ପରିବର୍ତ୍ତନ କରି ଜିଲ୍ଲାରେ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ଚୟନ ନିମନ୍ତେ ତୃଣମୂଳ ସ୍ତରରୁ କର୍ମୀମାନଙ୍କ ଠାରୁ ମତାମତ ସଂଗ୍ରହ କରାଯାଉଛି। ଏହା ପୂର୍ବରୁ ପିସିସି ସଭାପତି ଜିଲ୍ଲା ସଭାପତି ନିଯୁକ୍ତ କରୁଥିଲେ। ଗତ ୮ ତାରିଖରେ ଯେଉଁମାନେ ସଭାପତି ପଦ ପାଇଁ ଦରଖାସ୍ତ କରିଥିଲେ ସେମାନଙ୍କ ମଧ୍ୟରୁ ଜିଲ୍ଲା ଜଣେ ଜଣାଶୁଣା ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର ଜିଲ୍ଲା ସମ୍ପାଦକ ସନ୍ତୋଷ ନନ୍ଦ ଯାଜପୁରର ବିଧାୟକ ପ୍ରାର୍ଥୀ ସୁଦୀପ୍ତ କର, ଧର୍ମଶାଳା ପ୍ରାର୍ଥୀ କିଷାନ ପଣ୍ଡା ସନ୍ତୋଷ ବଳ ବିଶ୍ୱ ରଞ୍ଜନ ସାମଲ, ଦଳିତ ନେତା ମାଗୁଣି ଯେନା, ଅଭିନ ମଳିକ ଓ ଗଣେଶ ଦାସ ମହିଳା ନେତ୍ରୀ କନକଲତା ମଳିକ ପ୍ରମୁଖଙ୍କ ନାମ ଥିବା ଜଣାପଡ଼ିଛି। କଂଗ୍ରେସ ଦଳର ଏହି ଚୟନ ପ୍ରକ୍ରିୟାରେ ବ୍ଲକ ସ୍ତରର କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଏହି କାର୍ଯ୍ୟକ୍ରମ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

# ଏସ୍‌ସିବିରେ ଆଉ ମିଳିବନି ବହୁମୂଲ୍ୟ ଆସିମିନିବ୍ ଔଷଧ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ରୂପ ଦେବାର ଯୋଜନା କରାଯାଇଛି। ଆଗାମୀ ଦିନରେ ବଦଳିଯିବ ବଡ଼ ମେଡିକାଲର ରୂପରେଖ। କିନ୍ତୁ ଏଠାରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏଠାରେ ଚାଲିଥିବା ଆସିମିନିବ୍ ଟ୍ରାଏଲ ବନ୍ଦ କରିଦିଆଯାଇଛି। ଏଣୁ ଗୁରୁତର ରକ୍ତ କର୍କଟ ରୋଗୀଙ୍କୁ ବହୁମୂଲ୍ୟ ଆସିମିନିବ୍ ଔଷଧ ଆଉ ମିଳିବ ନାହିଁ। ଏପରିକି ୨ଲକ୍ଷ ଟଙ୍କା ମୂଲ୍ୟର ଏହି ଔଷଧ କିଣି ସେବନ କରିବା ଅନେକ ରୋଗୀଙ୍କ ପକ୍ଷରେ ଆଦୌ ସମ୍ଭବପର ନୁହେଁ। ଘଟଣା ବାବଦରେ ହେମାଟୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସୁଧା ସେଠୀଙ୍କୁ ପଚରା ଯାଇଥିଲେ ସୁଦ୍ଧା ସନ୍ତୋଷଜନକ ଉତ୍ତର ମିଳିନାହିଁ। ନିଶ୍ଚିନ୍ତକୋଇଲି ବ୍ଲକ ନାହାଙ୍ଗ ଅଞ୍ଚଳର ଅମରେନ୍ ମହାନ୍ତି ନାମକ ଜଣେ ଯୁବକ ସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ ପରେ ଘଟଣା ବାବଦରେ ଜଣାପଡ଼ିଛି। ଅମରେନଙ୍କ କହିବା ମୁତାବକ, ତାଙ୍କ ବାପା ବିଜୟ ମହାନ୍ତି ୨୦୦୧ରୁ ରକ୍ତ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ସିଏମଏଲ ତଥା କ୍ରୋନିକ୍ ମାଇଲଏଡ୍ ଲ୍ୟୁକୋମିଆରେ ବିଜୟ ଆକ୍ରାନ୍ତ ଅଟନ୍ତି। ଦୀର୍ଘବର୍ଷ ଧରି ଏସ୍‌ସିବି ହେମାଟୋଲୋଜି ବିଭାଗରେ ତାଙ୍କର ଚିକିତ୍ସା ଚାଲିଛି। ଇତି ମଧ୍ୟରେ ୨୦୨୩ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସିମିନିବ୍ ଟ୍ରାଏଲ୍ ଆରମ୍ଭ କରାଯାଇଥିଲା। ଦେଶର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଔଷଧ ନିଃଶୁଳ୍କରେ ପ୍ରଦାନ କରାଯାଇଥିଲା। ଯେଉଁ ରକ୍ତ କର୍କଟ ରୋଗୀ ଅନେକ ଦିନ ଧରି ଇମାଟିନିବ୍, ବାସୁଟିନିବ୍, ନିଲୋଟିନିବ୍, ଦସଟିବିନ୍ ଔଷଧ ସେବନ କରି ଆସୁଥିଲେ ଏବଂ ଏହାର ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କ୍ରମଶଃ ହ୍ରାସ ପାଇବାକୁ ଲାଗୁଥିଲା କେବଳ ସେହି ରକ୍ତ କର୍କଟାକ୍ରାନ୍ତଙ୍କ ପାଇଁ ଆସିମିନିବ୍ ପ୍ରଯୁଜ୍ୟ ବୋଲି କୁହାଯାଇଥିଲା। ବିଜୟଙ୍କ ସମେତ ପ୍ରାୟ ୧୧ଜଣ ରୋଗୀଙ୍କ ନାମ ବଡ ମେଡିକାଲର ହେମାଟୋଲୋଜିରେ ପଞ୍ଜୀକରଣ କରାଯାଇଥିଲା। ସମସ୍ତଙ୍କୁ ନିଃଶୁଳ୍କରେ ଆସିମିନିବ୍ ଔଷଧ ଯୋଗାଇ ଦିଆଯାଉଥିଲା। ଅମରେନ ସ୍ୱାସ୍ଥ୍ୟ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ପାରିନାହିଁ। ଏହାବାଦ୍ ଔଷଧ ପ୍ରଦାନକାରୀ କମ୍ପାନୀ ସହ ମଧ୍ୟ ଅମରେନ୍ ଯୋଗାଯୋଗ କରିଥିଲେ।

## ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍' ତରଫରୁ ପଦ୍ମପୁର ବ୍ଲକ ମେଲଛ ମୁଣ୍ଡା ଥାନା ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମର ୱିଲିଅମ ସାଗର, ପିତା- ଗୌରାଙ୍ଗ ସାଗରଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୱିଲିଅମ ଗତ ବର୍ଷ ବିଏସସି ନର୍ସିଂରେ ଆଡ୍‌ମିଶନ ପାଇଁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଳାହାଣ୍ଡିର ଏକ ସରକାରୀ କଲେଜରେ ନାମ ଲେଖାଇ ପାଠ ପଢୁଛନ୍ତି। କିନ୍ତୁ ପାରିବାରିକ ଆର୍ଥିକ ଦୁର୍ବଳତା ଯୋଗୁଁ ତାଙ୍କର ଦ୍ୱିତୀୟ ବର୍ଷର ରିଆଡ୍‌ମିଶନ କରିବା ପାଇଁ ତାଙ୍କ ବାପା ସକ୍ଷମ ନଥିଲେ। ତେଣୁ ସେ 'ଫିଡ୍' ଟ୍ରଷ୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କର ଆର୍ଥିକ ପରିସ୍ଥିତିକୁ ଅନୁଧ୍ୟାନ କରି ଚେୟାରମ୍ୟାନ ଫଣୀନ୍ଦ୍ର କୁମାର ତାଣ୍ଡିଙ୍କ ନିର୍ଦ୍ଦେଶରେ ଫିଡ଼ର ସଦସ୍ୟ କ୍ରୀଷ୍ଣା ସୁନା, ସୁଦନ କୁଅଁର ଓ ମମତା କୁମ୍ଭାର ୱିଲିଅମଙ୍କ ଘରକୁ ଯାଇ ୱିଲିୟମ୍‌ଙ୍କ ବାପାଙ୍କୁ ଆବଶ୍ୟକ ଅର୍ଥ ରାଶି ପ୍ରଦାନ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା : ହନ୍ତସନ୍ତ ବାଲେଶ୍ୱର ଜିଲ୍ଲାବାସୀ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ବାଲେଶ୍ୱର ଜିଲ୍ଲାବାସୀଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମେତ ଜିଲାରେ ୧୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଏବଂ ୭୧ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)କାର୍ଯ୍ୟକ୍ଷମ ରହିଛି। ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ୪୩୮ ଜଣ ଡାକ୍ତର ରହିବା କଥା। ମାତ୍ର ୨୨୨ ଜଣରେ ଏବେ ରୋଗୀ ସେବା କେମିତି ଚାଲିଛି, ତାହା ବେଶ୍ ଅନୁମେୟ। ଖାଲି ପଡ଼ିଥିବା ୨୧୬ ଡାକ୍ତର ପଦ କେବେ ପୂରଣ ହେବ, ତା'ର ଉତ୍ତର କାହା ପାଖରେ ନାହିଁ। ସେହିଭଳି ଜିଲ୍ଲାରେ ୮୭୦ ନର୍ସଙ୍କ ସ୍ଥାନରେ ଏବେ ୫୧୮ରେ କାର୍ଯ୍ୟ ଚାଲିଛି।

ସବୁଠାରୁ ବଡ଼ କଥା ହେଲା, ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରୋଗୀମାନେ ବହୁ ଆଶା ଓ ଭରସା ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି, ମାତ୍ର ରେଫରାଲ ସେଣ୍ଟର ହୋଇଯାଇଥିବା ଏହି ଡାକ୍ତରଖାନାରୁ ସେମାନେ ଘରୋଇ ହସ୍ପିଟାଲକୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରେମୁଣା ସ୍ଥିତ ମେଡିକାଲ କଲେଜ ଡାକ୍ତରଖାନାର ସେଟ୍‌ଅପ୍ ସ୍ଥାନାନ୍ତରିତ ହୋଇଯିବା ପରେ ଏବେ ଏହା ଶ୍ରୀହୀନ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ବହିର୍ବିଭାଗକୁ ପ୍ରତିଦିନ ଦୁଇ ହଜାରରୁ ଅଧିକ ରୋଗୀ ଆସୁଛନ୍ତି, ୪/୫ ଶହ ୱାର୍ଡ଼ରେ ଭର୍ତ୍ତି ହେଉଛନ୍ତି। ମାତ୍ର ୨୪ ଘଣ୍ଟା ନ ପୂରୁଣୁ ସେମାନେ ଅନ୍ୟତ୍ର ପଳାଇ ଯାଉଛନ୍ତି। ଡାକ୍ତର ଓ ନର୍ସଙ୍କ ଅଭାବ ଏବେ ମୁଖ୍ୟ ସମସ୍ୟା ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୭୦ ଅନୁମୋଦିତ ଡାକ୍ତର ପଦରେ ଏବେ ୭୮ ଜଣ ଅଛନ୍ତି। ସେହିପରି ୧୪୦ ନର୍ସିଂ ଅଧିକାରୀଙ୍କ ସ୍ଥାନରେ ୮୪ ଜଣ ସେବା ଯୋଗାଉଛନ୍ତି। ତେଣୁ ଏଠାରେ ରୋଗୀ ସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଧ୍ୟ ହୋଇ ରୋଗୀଙ୍କୁ ତାଙ୍କ ପରିବାର ଲୋକ ରେମୁଣା ସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଡାକ୍ତରଖାନାକୁ ନେଇ ଯାଉଛନ୍ତି। ମେଡିକାଲ କଲେଜ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବାକୁ ପ୍ରାୟ ବର୍ଷେ ବିତିବାକୁ ଯାଉଥିବାବେଳେ ରୋଗୀ ସେବା ପାଇଁ ଅଦ୍ୟାବଧି ସମସ୍ତ ବ୍ୟବସ୍ଥା ଉପଲବ୍ଧ ହୋଇପାରି ନାହିଁ। କେବଳ ଭେଷଜ ବିଭାଗକୁ ବାଦ ଦେଲେ ଅନ୍ୟ ସମସ୍ତ ବିଭାଗରେ ଏଠି ର' ଠ' ଚିକିତ୍ସା ସେବା ଚାଲିଛି। ଅପରେସନ ଥିଏଟର ନ ଥିବା ଯୋଗୁଁ ରୋଗୀଙ୍କୁ ନାନା ସମସ୍ୟାକୁ ସାମ୍ନା କରିବାକୁ ପଡୁଛି। ଏମଆରଆଇ, ସିଟି ସ୍କାନ ଭଳି ପରୀକ୍ଷା ପାଇଁ ରୋଗୀଙ୍କୁ ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ସହରର ଘରୋଇ ପରୀକ୍ଷାଗାରକୁ ଆସିବା ପାଇଁ ପଡୁଛି। ବାଧ୍ୟ ହୋଇ ପରିବାର ଲୋକେ ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱରକୁ ନେଇ ଯାଉଛନ୍ତି। ସେହିଭଳି ବାଲେଶ୍ୱର ସହର ଉପକଣ୍ଠ ବାମପଦାଠାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ସାଟେଲାଇଟ୍ ସେଣ୍ଟର ଏବେ କେବଳ ସାପ୍ତାହିକ ଦୁଇ ଦିନିଆ ଓପିଡ଼ି ସେବାରେ ସୀମିତ ରହିଯାଇଛି। ପ୍ରସ୍ତାବିତ ୩୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ କାର୍ଯ୍ୟକ୍ଷମ କେବେ ହେବ, କାହାକୁ ଜଣାନାହିଁ। ୨୦୨୦ ମସିହାରୁ ଏଠାରେ ସପ୍ତାହର ଗୋଟିଏ ଦିନ ମିଳୁଥିବା ଓପିଡି ସେବା ଏବେ ଦୁଇ ଦିନରେ ପହଞ୍ଚିଛି। ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରୁ ତିନି ଜଣ ଡାକ୍ତର ପ୍ରତି ସପ୍ତାହର ଶନିବାର ଓ ରବିବାର ଏଠାରେ ରୋଗୀ ଦେଖି କେବଳ ପରାମର୍ଶ ଦେଉଛନ୍ତି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ବିଶ୍ୱକୁ କରୁଛି ଉତ୍ତପ୍ତ

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା । ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ। କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା। ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା। କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା। ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା। ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ। କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ। ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା। ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ। କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି । ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି। କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା । ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ। କୋଇଲାରୁ ପରିଚାଳିତ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା। ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା । କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା। ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ। ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ। ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ। ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା। ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ । ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି। ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା । ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ। ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପ୍‌ଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା। କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ। କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢୁଛି ।

# ଶାରଦୀୟ ନବରାତ୍ରୀରେ ମା'ଙ୍କ ବେଶ



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୁରଭାଷ.୮୧୪୪୮ ୭୦୭୨୯

ଶାରଦୀୟ ନବରାତ୍ରୀ ଭାରତୀୟ ସଂସ୍କୃତିର ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ପର୍ବ। ଏହି ନବରାତ୍ରୀରେ ମା'ଦୁର୍ଗାଙ୍କ ନବବେଶ, ଯାହାକୁ ନବଦୁର୍ଗା ବୋଲି କୁହାଯାଏ, ସେଗୁଡିକର ପୂଜା ଓ ଆରାଧନା କରାଯାଏ। ପ୍ରତ୍ୟେକ ବେଶରେ ମା' ଏକା ନୂତନ ସନ୍ଦେଶ, ନୂତନ ଶକ୍ତି ଓ ନୂତନ ଆଶୀର୍ବାଦର ପ୍ରତୀକ। ପୁରାଣ କଥାନୁସାରେ, ମହିଷାସୁର ନାମକ ଦାନବ ଦେବତାମାନଙ୍କୁ ହରାଇ, ସମସ୍ତ ଲୋକଙ୍କୁ ଦୁଃଖିତ କଲା। ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କ ଶକ୍ତିର ସମନ୍ୱୟରୁ ମା'ଦୁର୍ଗାଙ୍କ ଜନ୍ମ ହେଲା। ତାଙ୍କର ନବରୂପରେ, ମା'ସମସ୍ତ ଅସୁରକୁ ବିନାଶ କରି, ଧର୍ମ, ନ୍ୟାୟ ଓ ଶାନ୍ତିର ସ୍ଥାପନା କଲେ।

ଶ୍ଲୋକ: 'ଯାଦେବୀ ସର୍ବଭୂତେଷୁ ଶକ୍ତି ରୂପେଣସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ'

ଏହି ଶ୍ଲୋକର ଅର୍ଥ— ଯେ ଦେବୀ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଶକ୍ତିରୂପେ ବିରାଜିତ, ତାଙ୍କୁ ପୁନଃପୁନି ନମସ୍କାର।

ନବଦୁର୍ଗାଙ୍କ ବେଶ

୧. ଶୈଳପୁତ୍ରୀ – ପାର୍ବତୀଙ୍କ ପ୍ରଥମ ରୂପ, ଧୀରତା ଓ ସାହସର ପ୍ରତୀକ।
୨. ବ୍ରହ୍ମଚାରିଣୀ – ତପସ୍ୟା ଓ ଧୈର୍ଯ୍ୟର ଦେବୀ।
୩. ଚନ୍ଦ୍ରଘଣ୍ଟା – ଦୁଷ୍ଟଙ୍କୁ ଦଣ୍ଡିତ କରିବାରେ ସକ୍ଷମ।
୪. କୁଷ୍ମାଣ୍ଡା – ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକାରିଣୀ।
୫. ସ୍କନ୍ଦମାତା – କାର୍ତ୍ତିକେୟଙ୍କ ମାତା, ମାତୃତ୍ୱର ମହିମା।
୬. କାତ୍ୟାୟନୀ – ଯୋଧା ରୂପ, ଅନ୍ୟାୟର ବିନାଶିନୀ।
୭. କାଳରାତ୍ରୀ – ଅନ୍ଧକାରକୁ ନାଶ କରିବାରେ ସମର୍ଥ।
୮. ମହାଗୌରୀ – ପବିତ୍ରତା ଓ କରୁଣାର ପ୍ରତୀକ।
୯. ସିଦ୍ଧିଦାତ୍ରୀ – ସମସ୍ତ ସିଦ୍ଧିର ପ୍ରଦାତ୍ରୀ।

ସାହିତ୍ୟିକ ମାନ୍ୟତା

ନବଦୁର୍ଗାଙ୍କ ପ୍ରତ୍ୟେକ ରୂପ ମଣିଷ ଜୀବନର ଏକେକ ପାତ୍ରର ଚିତ୍ରଣ କରେ। ସାହସ, ତପସ୍ୟା, ମାତୃତ୍ୱ, ଯୁଦ୍ଧଶୈଳୀ, କରୁଣା ଓ ପବିତ୍ରତା— ସବୁ ଏକାଧାରରେ ମା'ଙ୍କ ରୂପମାନଙ୍କୁ ଦର୍ଶାଏ। ଏହିଥିରେ ମଣିଷଙ୍କୁ ଶିକ୍ଷା ମିଳେ— ଜୀବନରେ ସଂଘର୍ଷ ଆସିବ, କିନ୍ତୁ ଧୈର୍ଯ୍ୟ, ସାହସ ଓ ଭକ୍ତିରେ ସମସ୍ତ ବିପଦକୁ ଜୟ କରାଯାଇପାରେ।



ଶ୍ଲୋକ: 'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ ଶରଣ୍ୟେ ତ୍ରୟମ୍ବିକେ ଗୌରୀ ନାରାୟଣୀ ନମସ୍ତୁତେ'। ଏହି ଶ୍ଲୋକ ମାଧ୍ୟମରେ ଦେବୀଙ୍କୁ ସମସ୍ତ ମଙ୍ଗଳର ମଙ୍ଗଳମୟୀ ବୋଲି ସ୍ତୁତି କରାଯାଏ। ଅତଏବ ଶାରଦୀୟ ନବରାତ୍ରୀ କେବଳ ପୂଜା ପର୍ବ ନୁହେଁ, ଏହା ଏକ ଆଧ୍ୟାତ୍ମିକ ଯାତ୍ରା। ମାତାଙ୍କ ପ୍ରତ୍ୟେକ ବେଶରେ ରହିଛି ଜୀବନର ଗଭୀର ସତ୍ୟ, ଯାହା ଆମକୁ ନିଜର ଅନ୍ତରାତ୍ମାରେ ଶକ୍ତି, ସାହସ ଓ ପ୍ରେମର ସନ୍ଦେଶ ଦେଇଥାଏ।

# ଉପରାଷ୍ଟ୍ରପତି ଏବଂ ତାଙ୍କ ସମ୍ବିଧାନିକ ଦାୟୀତ୍ୱ

ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ ୯୪୩୮୪୮୫୦୯୪

ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପୋନୁସ୍ୱାମୀ ରାଧାକୃଷ୍ଣନ ବା ସି.ପି. ରାଧାକୃଷ୍ଣନଙ୍କ କଥା ଆସିଲେ ଦେଶର ପ୍ରଥମ ଉପରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ କଥା ମନେ ପଡିଯାଏ। ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁରେ ଯେତେବେଳେ ସିପି ରାଧାକୃଷ୍ଣନଙ୍କ ଜନ୍ମ ହେଲା ସେତେବେଳେ ତାଙ୍କ ମାତା ପିତା ତାଙ୍କ ନାମ ସହ ରାଧାକୃଷ୍ଣନ ଯୋଡି ଦେଇଥିଲେ ଏଇଥିପାଇଁ ଯେ ତାଙ୍କ ପୁଅ ମଧ୍ୟ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଭଳି ଦିନେ ବଡ଼ଲୋକ ହେବ। ବାପା ମା ଯେଉଁ ଉଦ୍ଦେଶ୍ୟ ନେଇ ନାମ କରଣ କରିଥିଲେ ତାହା ୨୦୨୫ ସେପ୍ଟେମ୍ବର ୯ତାରିଖରେ ସିପି ରାଧାକୃଷ୍ଣନ ଉପରାଷ୍ଟ୍ରପତି ହେବା ପରେ ସାକାର ହୋଇଯାଇଛି। ଏନ୍‌ଡିଏ ଯେତେବେଳେ ସିପି ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ କଲା ସେତେବେଳେ ତାଙ୍କ ମାତା ଜାନକୀ ଅମ୍ମାଲ ଏକ ଜାତୀୟସ୍ତରର ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ନାମ ସହ ରାଧାକୃଷ୍ଣନ ଯୋଡିଥିବାର କାହାଣୀ କହିଥିଲେ। ସିପି ରାଧାକୃଷ୍ଣନ ହେଉଛନ୍ତି ଭାରତ ବର୍ଷର ୧୭ ତମ କିନ୍ତୁ ବ୍ୟକ୍ତି ହିସାବରେ ୧୫ ତମ ଉପରାଷ୍ଟ୍ରପତି। ନିର୍ବାଚିତ ୧୫ ଉପରାଷ୍ଟ୍ରପତିଙ୍କ ମଧ୍ୟରୁ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ (୧୯୫୨ ରୁ ୧୯୫୭ ଓ ୧୯୫୭ ରୁ ୧୯୬୨) ଏବଂ ମହମ୍ମଦ ହମିଦ ଆନସାରୀ (୨୦୦୭ ରୁ ୨୦୧୨ ଓ ୨୦୧୨ ରୁ ୨୦୧୭) ଦୁଇ ଦୁଇଥର ଏହି ପଦରେ ରହିଥିଲେ। ଉପରାଷ୍ଟ୍ରପତି ଭାବେ ଅଧିଷ୍ଠିତ ହୋଇଥିବା ଭୈରୋସିଂହ ଶେଖାବତ ଏବଂ ଜଗଦୀପ ଧଡ଼ଖଡ଼ ରାଜସ୍ଥାନର ପ୍ରତିନିଧିତ୍ୱ କରୁଥିଲେ। ଦେଶର ୧୫ ଜଣ ଉପରାଷ୍ଟ୍ରପତିଙ୍କ ମଧ୍ୟରୁ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ, ଡ଼କ୍ଟର ଜାକିର ହୁସେନ, ଭିଭି ଗିରି, ବିଡି ଜତି, ଏମ୍ ହିଦାୟତୁଲ୍ଲା, ଆର ଭେଙ୍କଟ ରମଣ, ଶଙ୍କର ଦୟାଲ ଶର୍ମା ଏବଂ କେ ଆର ନାରାୟଣନ ମଧ୍ୟ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଉପରାଷ୍ଟ୍ରପତିଙ୍କ ପଦବୀର ସାମ୍ବିଧାନିକ ଦାୟିତ୍ୱର ଅବଧାରଣା ଆମେରିକାର ରାଷ୍ଟ୍ରପତି ଶାସନ ପ୍ରଣାଳୀରୁ ଅଣାଯାଇଛି। ଆମେରିକାରେ ସିନେଟ (ଉଚ୍ଚ ସଦନ)ର ଅଧ୍ୟକ୍ଷ ସେଠାକାର ଉପରାଷ୍ଟ୍ରପତି ହୋଇଥାନ୍ତି। ସେହିଭଳି ଭାରତ ବର୍ଷର ଉଚ୍ଚସଦନ (ରାଜ୍ୟସଭା)ର ସଭାପତି ହୋଇଥାନ୍ତି ଉପରାଷ୍ଟ୍ରପତି। ରାଜ୍ୟସଭାର ସଭାପତି ଭାବେ ତାଙ୍କର ଭୂମିକା ହେଉଛି ରାଜ୍ୟସଭାର ସୁଚାରୁ ରୂପେ ସଂଚାଳନ ଏବଂ ସଦନର ମର୍ଯ୍ୟାଦା ବଜାୟ ରଖିବା। ନିୟମ ଉଲଂଘନ କରୁଥିବା ସଦସ୍ୟ (ରାଜ୍ୟସଭାର ସାଂସଦ)ଙ୍କ ବିରୁଦ୍ଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନର ଅଧିକାର ମଧ୍ୟ ଉପରାଷ୍ଟ୍ରପତିଙ୍କର ରହିଛି। ସଂସଦ ଅଧିବେଶନ ବେଳେ ସାଂସଦ ମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରଶ୍ନ ଉପରେ ନିର୍ଣ୍ଣୟ ନେବା ତଥା ବିଧେୟକ ଏବଂ ପ୍ରସ୍ତାବକୁ ବିସ୍ତୃତ ଯାଞ୍ଚ ପାଇଁ ସମନ୍ୱିତ ସଂସଦୀୟ ସମିତି ପାଖକୁ ପଠାଇଥାନ୍ତି ଉପରାଷ୍ଟ୍ରପତି। ରାଜ୍ୟସଭାରେ



କୌଣସି ପ୍ରସଙ୍ଗରେ ମତଦାନ ବେଳେ ଯଦି ମତ (ଭୋଟ) ସମାନ ହୁଏ ସେ କ୍ଷେତ୍ରରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଅଧିକାର ମଧ୍ୟ ଉପରାଷ୍ଟ୍ରପତିଙ୍କର ରହିଛି। ରାଷ୍ଟ୍ରପତିଙ୍କ ନିଧନ, ପଦତ୍ୟାଗ ବା ଅନ୍ୟ କୌଣସି କାରଣରୁ ରାଷ୍ଟ୍ରପତି ପଦ ଖାଲି ପଡିଲେ ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥାନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ବା ତାଙ୍କ ଅସୁସ୍ଥତା ଅଥବା ଅସମର୍ଥତା ସମୟରେ ମଧ୍ୟ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଭାବେ କାର୍ଯ୍ୟ ଚଳାଇଥାନ୍ତି। ଭାରତ ବର୍ଷରେ ଅନେକ ବାର ଉପରାଷ୍ଟ୍ରପତି ରାଷ୍ଟ୍ରପତିଙ୍କ ଦାୟୀତ୍ୱ ତୁଲାଇଛନ୍ତି। ଏଥିପାଇଁ ଉପରାଷ୍ଟ୍ରପତି ରାଷ୍ଟ୍ରପତି ପଦର ଶପଥ ଗ୍ରହଣ କରିଥାନ୍ତି। ଏହାର ଉଦାହରଣ ମଧ୍ୟ ରହିଛି। ୧୯୬୦ ମସିହାରେ ରାଷ୍ଟ୍ରପତି ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ସୋଭିଏତ ସଂଘ ଗସ୍ତ ବେଳେ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଅସୁସ୍ଥତା ବେଳେ ୧୯୬୧ ମସିହାରେ ଉପରାଷ୍ଟ୍ରପତି ଡ଼କ୍ଟର ରାଧାକୃଷ୍ଣନ ରାଷ୍ଟ୍ରପତି ଭାବେ କାର୍ଯ୍ୟ ତୁଲାଇଥିଲେ। ଉପରାଷ୍ଟ୍ରପତି ଡ଼କ୍ଟର ଜାକିର ହୁସେନ ମଧ୍ୟ ରାଷ୍ଟ୍ରପତି ଡ଼କ୍ଟର ରାଧାକୃଷ୍ଣଙ୍କ ଅସୁସ୍ଥତା ଓ ଅନ୍ୟ କାରଣରୁ ଦୁଇଥର ରାଷ୍ଟ୍ରପତି ଦାୟୀତ୍ୱ ତୁଲାଇଥିଲେ। ଡ଼କ୍ଟର ହୁସେନଙ୍କ ନିଧନ ପରେ ଉପରାଷ୍ଟ୍ରପତି ଭିଭି ଗିରି ଏବଂ ରାଷ୍ଟ୍ରପତି ଡ଼କ୍ଟର ଫକିରୁଦ୍‌ଦିନ ଅଲ୍ଲି ଅହମଦଙ୍କ ନିଧନ ପରେ ଉପରାଷ୍ଟ୍ରପତି ବିଡ଼ି ଜତି କାର୍ଯ୍ୟବାହୀ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଯେତେବେଳେ ଚିକିତ୍ସା ପାଇଁ ବିଦେଶ ଯାଇଥିଲେ ସେତେବେଳେ ଉପରାଷ୍ଟ୍ରପତି ହିଦାୟତୁଲ୍ଲା ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତି ଭାବେ କାର୍ଯ୍ୟ ବା ଦାୟିତ୍ୱ ନିଅନ୍ତି ସେତେବେଳେ ସେ ରାଷ୍ଟ୍ରପତିଙ୍କ ସମସ୍ତ ପାୱାର (ଶକ୍ତି)ର ଉପଯୋଗ କରିଥାନ୍ତି। ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତିଙ୍କ ଦାୟୀତ୍ୱରେ ରହନ୍ତି ସେତେବେଳେ ବା ସେହି ଅବଧିରେ ସେ ରାଜ୍ୟ ସଭାର ସଭାପତି ଭାବେ କାର୍ଯ୍ୟ କରିନଥାନ୍ତି। ଏଭଳି ସ୍ଥିତିରେ ରାଜ୍ୟସଭାର ଉପସଭାପତି ରାଜ୍ୟସଭା ସଂଚାଳନ କରିଥାନ୍ତି। ରାଜ୍ୟ ସଭାର କାର୍ଯ୍ୟର ସଂଚାଳନରେ ଉପସଭାପତିଙ୍କ ଭୂମିକା ଏବଂ ଅଧିକାର ସଭାପତିଙ୍କ ସମକକ୍ଷ ଅଟେ। ଉଲ୍ଲେଖନୀୟ ଯେ ଉପରାଷ୍ଟ୍ରପତିଙ୍କୁ ଉପରାଷ୍ଟ୍ରପତି ପଦବୀ ପାଇଁ କୌଣସି ବେତନ ବା ଭତ୍ତା ମିଳିନଥାଏ। ତାଙ୍କୁ ରାଜ୍ୟସଭାର ସଭାପତି ରୂପରେ ହିଁ ବେତନ ମିଳିଥାଏ। କିନ୍ତୁ ଉପରାଷ୍ଟ୍ରପତିଙ୍କୁ ପେନସନ ମିଳିଥାଏ। ୧୯୯୭ ଉପରାଷ୍ଟ୍ରପତି ପେନସନ ଆଇନ ଅନୁସାରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସମାପ୍ତି ଅଥବା ସେ ଇସ୍ତଫା ଦେବାପରେ ପେନସନ ମିଳିଥାଏ। କିନ୍ତୁ ଯଦି ଉପରାଷ୍ଟ୍ରପତିଙ୍କୁ ତାଙ୍କ ପଦରୁ ଦୁର୍ବ୍ୟବହାର ବା ଅନ୍ୟ କୌଣସି କାରଣରୁ ହଟାଇ ଦିଆଯାଏ ତେବେ ତାଙ୍କୁ ପେନସନ ବା ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳେନାହିଁ। ଉପରାଷ୍ଟ୍ରପତି ସମ୍ବନ୍ଧୀୟ ପ୍ରାବଧାନ ଉପରେ ସମ୍ବିଧାନ ସଭାରେ ୧୯୪୮ ମସିହା ଡିସେମ୍ବର ୨୮ରେ କୌଣସି ସ୍ପଷ୍ଟ ଆଲୋଚନା ହୋଇନଥିଲା। ସମ୍ବିଧାନର ଅନୁଛେଦ ୫୩ ରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟସଭାର ସଭାପତି କରାଯିବାର ସ୍ଥିର କରାଯାଇଛି। ଏଥିରେ କୁହାଯାଇଛି ଯେ ଉପରାଷ୍ଟ୍ରପତି ଅନ୍ୟ କୌଣସି ଲାଭଜନକ ପଦବୀରେ ରହିପାରିବେ ନାହିଁ। କିନ୍ତୁ ଉପରାଷ୍ଟ୍ରପତି ଯେତେବେଳେ ରାଷ୍ଟ୍ରପତିଙ୍କ ଦାୟୀତ୍ୱରେ ରହିବେ ସେତେବେଳେ ରାଷ୍ଟ୍ରପତିଙ୍କୁ ମିଳୁଥିବା ବେତନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ତାଙ୍କୁ ମିଳିବ। କିନ୍ତୁ ସେତେବେଳେ ରାଜ୍ୟ ସଭାର ସଭାପତି ଭାବେ ପାଉଥିବା ବେତନ ପାଇଁ ସେ ହକ୍‌ଦାର ହେବେ ନାହିଁ। ସମ୍ବିଧାନର ଅନୁଛେଦ ୬୬ ଅନୁସାରେ ଉପରାଷ୍ଟ୍ରପତି ନିର୍ବାଚନରେ ଲୋକସଭା ଓ ରାଜ୍ୟସଭାର ସାଂସଦ ମାନେ ଭୋଟ ଦେଇଥାନ୍ତି। ଉପରାଷ୍ଟ୍ରପତି ସଂସଦର ସଦସ୍ୟ କିମ୍ବା କୌଣସି ରାଜ୍ୟର ବିଧାୟକ ହୋଇନଥିବା ଆବଶ୍ୟକ। ଅନ୍ୟ ପକ୍ଷରେ ଲୋକସଭାର ବାଚସ୍ପତିଙ୍କ ଭଳି ରାଜ୍ୟସଭାର ସଭାପତିଙ୍କୁ ରାଜ୍ୟସଭାର ସାଂସଦ ମାନେ ନିର୍ବାଚନ କରିଥାନ୍ତି।

# ଟ୍ରମ୍ପଙ୍କ ଦୋମୁହାଁ ନୀତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତ ସହ ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ପୁଣି ଥରେ ଆମେରିକା ଆଲୋଚନା ପାଇଁ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ଭାରତୀୟ ଟିମକୁ ୱାଂଶିଟନକୁ ଆମନ୍ତ୍ରଣ କରିଥିବା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ପ୍ରଶାସନ ଘୋଷଣା କରିଛି। ଦୁଇଦେଶ ମଧ୍ୟରେ ତିକ୍ତତାର ୪ମାସର ନୀରବତା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସର୍ବସାଧାରଣରେ ମନ୍ତବ୍ୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସକରାତ୍ମକ ପ୍ରତ୍ୟୁତ୍ତର ପରେ ଏହି ଘୋଷଣା ଆମେରିକା କରିଛି। ଗଲା ଗୁରୁବାର ଦିନ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ ସେର୍ଗିଓ ଗୋର କହିଥିଲେ ଯେ, ଖୁବ ଶୀଘ୍ର ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଓ ଚଳିତ ବର୍ଷର ଶେଷ ଆଡକୁ କ୍ୱାଦ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସେମାନେ ଆଶା କରନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ଅସହମତି ଦେବା ପରେ ପ୍ରତିକ୍ରିୟାଶୀଳ ହୋଇ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୨୫ପ୍ରତିଶତ ଶୁଳ୍କ (ଟାରିଫ) ଲାଗୁ କରିଥିଲେ। କେବଳ ଏତକି ନୁହେଁ ଭାରତୀୟ ଛାତ୍ରଙ୍କ ଭିସା କଟକଣା, ବେଆଇନ ଭାବେ ଅନୁପ୍ରବେଶକାରୀ ଭାରତୀୟ ନାଗରିକ ଗୋଡରେ ବେଡି ପକାଇ ଦେଶାନ୍ତର କରିଥିଲେ। ଆହୁରି ମଧ୍ୟ ଅପରେସନ 'ସିନ୍ଦୁର'ରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ଅଗ୍ରାହ୍ୟ କରିବା ପରେ ଆହୁରି ପ୍ରତିକ୍ରିୟାଶୀଳ ହୋଇ ପାକିସ୍ଥାନର ସେନାମୁଖ୍ୟଙ୍କୁ ହ୍ୱାଇଟ୍ ହାଉସରେ ଆତିଥେୟତା ପ୍ରଦାନ କରିଥିଲେ। କେବଳ ଏତିକି ନୁହେଁ, ରୁଷ ଠାରୁ ତେଲ ନକିଣିବା ପାଇଁ କରିଥିବା ଅନୁରୋଧକୁ ଭାରତ ଅଗ୍ରାହ୍ୟ କରିବା ପରେ ଟ୍ରମ୍ପ ଆହୁରି କ୍ରୋଧିତ ହୋଇ ୫୦ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଗତ ୨୭ତାରିଖ ଠାରୁ ଏହି ଶୁଳ୍କ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଛି। ଦେଶର ହିତ ସହ ଭାରତ କୌଣସି ସାଲିସ୍ କରିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଭାରତ ଘୋଷଣା କରିଥିଲା। ରୁଷ-ୟୁକ୍ରେନ ଯୁଦ୍ଧରୁ ଭାରତ ଲାଭ ଉଠାଇଛି ଏବଂ ଯୁଦ୍ଧକୁ ମୋଦୀଙ୍କ ଯୁଦ୍ଧ ବୋଲି କହିବାକୁ କୁଣ୍ଠାବୋଧ କରିନଥିଲେ। ଏହା ବ୍ୟତୀତ ନିଜେ ଟ୍ରମ୍ପ ଏବଂ ତାଙ୍କର ପ୍ରଶାସନ ବହୁ କଟୁ ମନ୍ତବ୍ୟ ଦେଇଥିଲେ। ତେବେ ଆମେରିକାର ଭାରତ ବିରୋଧି କଟୁ ମନ୍ତବ୍ୟ ପରେ ଭାରତ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ନିଜ ନିଷ୍ପତ୍ତି ଓ ନୀତିରେ ଅଟଳ ରହିଥିଲା। କିନ୍ତୁ ନିକଟରେ ଚୀନରେ ଅନୁଷ୍ଠିତ ସଂଘାଇ ସହଯୋଗିତା ସଂଗଠନ(ଏସସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ରୁଷର ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କୁ ଭେଟିବା ଏବଂ ତିନି ନେତା ଏକାଠି ହୋଇ ବୈଠକ କରିବା ବୋଧହୁଏ ଟ୍ରମ୍ପଙ୍କ ନିଦ ହଜାଇ ଦେଇଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଭାରତ ସହ ପୂର୍ବର ଦ୍ୱିପାକ୍ଷିକ ସୁସମ୍ପର୍କକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ବାଣିଜ୍ୟ ଆଲୋଚନା ଜାରି ରଖିବାକୁ ଟ୍ରମ୍ପ ଏବେ ଚାହୁଁଥିବା ତାଙ୍କର ମନ୍ତବ୍ୟ ସଂକେତ ପ୍ରଦାନ କରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଭାରତ ବିରୁଦ୍ଧରେ ଆମେରିକା ୫୦ପ୍ରତିଶତ ଶୁଳ୍କ ଲାଗୁ କରିବାର ୧୦ଦିନ ପରେ ଟ୍ରମ୍ପ ଟ୍ରୁଥ ସୋସିଆଲ ନାମକ ଏକ ସାମାଜିକ ଗଣମାଧ୍ୟମ ଓ ପରେ ସର୍ବସାଧାରଣରେ କହିଥିଲେ ଯେ, ମୋଦୀ ଜଣେ ମହାନ ପ୍ରଧାମନ୍ତ୍ରୀ ସେ ମୋର ଘନିଷ୍ଟ ବନ୍ଧୁ, ମୁଁ ତାଙ୍କ ସହ ବନ୍ଧୁତା ଅକ୍ଷୁର୍ଣ୍ଣ ରଖିବି । ଭାରତ-ଆମେରିକା ସମ୍ପର୍କ ସ୍ୱତନ୍ତ୍ର। ଏ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ସେ ଆଶା କରୁଛନ୍ତି ଯେ, ଉଭୟ ଦେଶ ପାଇଁ ଏକ ଉତ୍ତମ ସମାଧାନ ପନ୍ଥା ବାହାରିବ। ମୋଦୀ ମଧ୍ୟ ପ୍ରଥମେ ସାମାଜିକ ଗଣମାଧ୍ୟମ ଏବଂ ପରେ ସର୍ବସାଧାରଣରେ କହିଥିଲେ। ଏହି ଭଲ କଥାକୁ ସ୍ୱାଗତ କରୁଛନ୍ତି। ଭାରତ-ଆମେରିକା ଘନିଷ୍ଠ ବନ୍ଧୁ ଓ ପାରମ୍ପରିକ ସହଭାଗୀ ଅଟନ୍ତି। ବିଗିଡିଥିବା ସମ୍ପର୍କ ଖୁବ ଶୀଘ୍ର ସୁଧୁରିବା ନେଇ ଆଶା ପ୍ରକଟ କରିଛନ୍ତି। ଏହା ନିସନ୍ଦେହ ଯେ, ଉଭୟ ଦେଶର ନେତା (ଟ୍ରମ୍ପ-ମୋଦୀ)ଙ୍କ ମନ୍ତବ୍ୟ ପରେ ପରିସ୍ଥିତିରେ ସୁଧାର ଆସିବା ସହ ଆମେରିକାର ୫୦ପ୍ରତିଶତ ଶୁଳ୍କ ହଟାଇ ନେବା ନେଇ ଆଶା କରାଯାଉଥିଲା। କିନ୍ତୁ ଏବେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଲାଗି ଭାରତ ଓ ଚୀନ ଉପରେ ୧୦୦ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ୟୁରୋପୀୟ ୟୁନିୟନ ଏବଂ ଜି-୭ ରାଷ୍ଟ୍ରମାନଙ୍କ ଉପରେ ଚାପ ପକାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ସାଂଘାତିକ ଏବଂ ଟ୍ରମ୍ପଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଟ୍ରମ୍ପ ସ୍ଥିରଚିତ୍ତ ସମ୍ପନ୍ନ ନେତା ନୁହଁନ୍ତି। ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ରାଷ୍ଟ୍ରପତିତ୍ୱ କାଳରେ ଏବେ ସେ ଆମେରିକାକୁ ସମୃଦ୍ଧ କରିବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କ ଉପରେ ୧୦ପ୍ରତିଶତରୁ ଆରମ୍ଭ କରି ୧୦୦ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଛନ୍ତି। ତାଙ୍କର ଶୁଳ୍କ ନୀତିକୁ ଆମେରିକାର ଫେଡେରାଲ କୋର୍ଟ ଅସାମ୍ବିଧାନିକ ବୋଲି ଦର୍ଶାଇଛନ୍ତି। ତେବେ ଏହା ନିସନ୍ଦେହ ଯେ, ତାଙ୍କର ଶୁଳ୍କ ନୀତି ଭାରତର କେବଳ କ୍ଷତି ଘଟାଇବ ନାହିଁ, ଆମେରିକାକୁ ମଧ୍ୟ କ୍ଷତି ପହଞ୍ଚାଇବ। ଟ୍ରମ୍ପଙ୍କ ଦୋମୁହାଁ ନୀତି ପ୍ରତି ଭାରତ ସଜାଗ, ସତର୍କ ହେବା ଜରୁରୀ।

# ଜ୍ୟୋତିଷ ଶାସ୍ତ୍ର, ବିଜ୍ଞାନ ଓ ଗୀତା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

"ବିଫଳ ନାନ୍ୟା ଶାସ୍ତ୍ରାଣି
ବିବାଦସ୍ତେଷୁ କେବଳଂ
ସଫଳମ୍ ଜ୍ୟୋତିଷଂ ଶାସ୍ତ୍ରମ୍
ଚନ୍ଦ୍ରାର୍କେ ଯତ୍ର ସାକ୍ଷିଣୌ ॥

ଜ୍ୟୋତିଷ ଶାସ୍ତ୍ର ବା ଆଲୋକର ଶାସ୍ତ୍ର ବା ଭବିଷ୍ୟ ଶାସ୍ତ୍ର ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ପ୍ରମାଣହେଉଥିବ। ଅନ୍ୟାନ୍ୟ ଶାସ୍ତ୍ର ବିବାଦ ମଧ୍ୟରେ ଗତିକଲେ ମଧ୍ୟ ବେଦର ଜ୍ୟୋତିଷ ଶାସ୍ତ୍ରକୁ କେହି ଅସ୍ୱୀକାର କରି ପାରିବେ ନାହିଁ। ଗୀତାରେ ଦଶମ ଅଧ୍ୟାୟ ଶ୍ଳୋକ ନମ୍ବର ୨୧ ରେ ଭଗବାନ କହିଛନ୍ତି "ଆଦିତ୍ୟାନାମହଂ ବିଷ୍ଣୁଃ ଜ୍ୟୋତିଷାଂ ରବିରଂଶୁମାନ । ମରୀଚର୍ମରୁତାମସ୍ମି, ନକ୍ଷତ୍ରାଣାମହଂ ଶଶୀ ॥ ସୂର୍ଯ୍ୟ ନଥିଲେ ବା ସୌରଜଗତ ନଥିଲେ ମାନବଜଗତର ସୃଷ୍ଟି ଯେ ଅସମ୍ଭବ ଏହା କେହି ଅସ୍ୱୀକାର କରିପାରିବେନି। ସ୍ୱୟଂ ଶ୍ରୀ କୃଷ୍ଣ (ଯୀଶୁଖ୍ରୀଷ୍ଟ) ଦିନେ ଏହି ଜ୍ୟୋତି ବା ଆଲୋକ ମାଧ୍ୟମରେ ଏହି ପବିତ୍ର ଧରାଧାମରେ ଅବତରଣ କରିଥିଲେ ଯାହା ବାଇବେଲ ପ୍ରମାଣ ଦିଏ। ଜ୍ୟୋତିଷଶାସ୍ତ୍ର ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବାର ଏହାଠାରୁ ଆଉ ଜ୍ୱଳନ୍ତ ପ୍ରମାଣ କ'ଣ ଥାଇପାରେ? ଆମର ଆପ୍ତ ବାକ୍ୟ କହେ – 'ଭାଗ୍ୟଂ ଫଳତି ସର୍ବତ୍ରଂ ନ ବିଦ୍ୟା ନ ଚ ପୌରୁଷଂ'। କେତେକ ବ୍ୟକ୍ତି ଭାଗ୍ୟ ବଳରେ ସଫଳତା ପାଉଥିଲେ ମଧ୍ୟ ଅନେକ ଶତ ଚେଷ୍ଟା କରି ନିଜର ବୁଦ୍ଧି, ଜ୍ଞାନଥାଇ ମଧ୍ୟ ବିଫଳତା ଲାଭକରନ୍ତି। ସେତେବେଳେ "ଦୈବାଧିନଂ ଜଗତ ସର୍ବମ"କୁ ସ୍ୱୀକାର କରିଥାନ୍ତି। ସ୍ୱୟଂ ଭଗବାନ ରାମ ଓ କୃଷ୍ଣ ମଧ୍ୟ କର୍ମଫଳକୁ ପ୍ରାଧାନ୍ୟ ଦେବାକୁ ଯାଇ ଅବତାର ଗ୍ରହଣ କରି କଷଣ ଓ ଦୁଃଖ ସହିଛନ୍ତି। ପୂର୍ବଜନ୍ମର କର୍ମଫଳକୁ ଭୋଗିବାକୁ ହେବ ବୋଲି ପ୍ରକାରାନ୍ତରେ ଇଙ୍ଗିତ ଦେଇଛନ୍ତି। ରୋଗ ପାଇଁ ଔଷଧ ଯେପରି, ସମସ୍ତ କର୍ମଫଳ ପ୍ରତିକାର ମଧ୍ୟ ଜ୍ୟୋତିଷ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି।

ଜ୍ୟୋତିଷଶାସ୍ତ୍ରରେ ବହୁତ ପୂର୍ବରୁ ସୂର୍ଯ୍ୟଙ୍କ ଚାରିପାଖରେ ଗ୍ରହମାନେ ଘୁରୁଛନ୍ତି ବୋଲି ବର୍ଣ୍ଣନା କରାଯାଇଛି। ବିଜ୍ଞାନରେ ୯ଟି ଗ୍ରହ ଯେପରି ବର୍ଣ୍ଣନା କରାଯାଇଛି ସେହିପରି ଜ୍ୟୋତିଷ ଶାସ୍ତ୍ରରେ ୯ଟି ଗ୍ରହ ବର୍ଣ୍ଣନା କରାଯାଇଛି ଏବଂ ଜ୍ୟୋତିଷ ଶାସ୍ତ୍ରର ରାହୁ ଓ କେତୁ ଦୁଇଟି ଛାୟା ଗ୍ରହ ଶାସ୍ତ୍ରରେ ବହୁତ ଆବଶ୍ୟକତା ଥିବାବେଳେ ବିଜ୍ଞାନରେ ଇନ୍ଦ୍ର ବରୁଣ ଯମଙ୍କର ସ୍ଥାନ ଥିବାବେଳେ ଜ୍ୟୋତିଷଶାସ୍ତ୍ରରେ ଏମାନଙ୍କର ପ୍ରଭାବ ନାହିଁ ବା ଏମାନଙ୍କର ରଶ୍ମି ଏତେ ପ୍ରଖର ଯେ ଅନ୍ୟ ଗ୍ରହମାନଙ୍କର ରଶ୍ମି ଏହା ମଧ୍ୟଦେଇ ପ୍ରବେଶ କରିପାରେ ନାହିଁ। ଜ୍ୟୋତିଷ ଶାସ୍ତ୍ରରେ ୩୬୦ ଦିନ ଏକ ବର୍ଷ ଏବଂ ୩୬୦ ଡିଗ୍ରୀ ରାଶିଚକ୍ରରେ ରହୁଥିବାରୁ ଏହା ବାରମାସ, ବାରଟି ରାଶି, ତିରିଶଦିନ, ତିରିଶି ଡିଗ୍ରି, ସତାଇଶ ନକ୍ଷତ୍ର ଓ ୯ଟି ଗ୍ରହକୁ ନେଇ ସୌରଜଗତ ପରିଚାଳିତ। ଚନ୍ଦ୍ର ପ୍ରତ୍ୟେକ ରାଶିରେ ଅଢେଇଦିନ ରହୁଥିବା ବେଳେ ରବି ଏକମାସରେ ଗୋଟିଏ ସ୍ଥାନରେ ଅବସ୍ଥାନ କରନ୍ତି। ପୂର୍ଣ୍ଣିମା ଓ ଅମାବାସ୍ୟାରେ ଜୁଆର ଭଟ୍ଟାରେ ମଧ୍ୟ ଅନୁଭୂତ ହୋଇଥାଏ। କେଉଁଠି କଣ ଘଟିବ ଯାହା ବିଜ୍ଞାନ କହିପାରୁ ନାହିଁ ତାହା ଜ୍ୟୋତିଷ ଶାସ୍ତ୍ରରେ ବହୁପୂର୍ବରୁ ବର୍ଣ୍ଣନା କରାଯାଇଛି। ଆଜକୁ ୧୨। ୧୩ ବର୍ଷତଳେ ଜାପାନରେ ଘଟିଥିବା ଘଟଣା ବିଜ୍ଞାନ ଜାଣି ପାରିନଥିଲା ବେଳେ ଜ୍ୟୋତିଷ ଶାସ୍ତ୍ରରେ ଏହାର ବର୍ଣ୍ଣନା ହୋଇସାରିଥିଲା।

ମନୁଷ୍ୟର ଭାଗ୍ୟଫଳ ଏହାର ଜାତକର ଭାବଫଳ ଉପରେ ନିର୍ଭର କରିଥାଏ। ଯଥା- ଲଗ୍ନଭାବ ବା ଶରୀର ସୌଖ୍ୟାଦି ବିଚାର, ଦ୍ୱିତୀୟ ଭାବ ବା ଧନାଦି ବିଚାର, ତୃତୀୟ ଭାବ ବା ଭାତୃ ବିଚାର , ୪ର୍ଥ ଭାବ ବା ସୁଖ ବିଚାର, ୫ମ ଭାବ ସନ୍ତାନ ବା ଉଚ୍ଚଶିକ୍ଷା ବିଚାର, ୬ଷ୍ଠ ଭାବ ବା ରୋଗ, ଋଣ, ଶତୃର ବିଚାର, ସପ୍ତମ ଭାବ ଜାୟାଦି ବିଚାର, ଅଷ୍ଟମ ଭାବ ଆୟୁ ବିଚାର, ୯ମ ଭାବ ବା ଧର୍ମାଦି ବିଚାର, ଦଶମ ଭାବ କର୍ମାଦି ବିଚାର, ଏକାଦଶ ଭାବ ଲାଭାଦି ବିଚାର, ଦ୍ୱାଦଶ ଭାବ ବ୍ୟୟ ବିଚାର କରିଥାଏ। ପରିଶେଷରେ ଏତିକି କୁହାଯାଇପାରେ ଜ୍ୟୋତିଷ ଓ ବିଜ୍ଞାନ ଅଙ୍ଗାଙ୍ଗି ଭାବରେ ଜଡିତ। ବିଜ୍ଞାନର ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସହିତ ନିବିଡ ସମ୍ପର୍କ। ଜ୍ୟୋତିଷରେ ବିବେଚନା କଲାବେଳେ ପ୍ରକୃତ ଜ୍ୟୋତିଷ ଯାହାର ଗଣିତ ଜ୍ଞାନ ବା ଲଙ୍ଗିଚ୍ୟୁଡ ତଥା ଲୋକାଲ ମିନ୍ ଟାଇମ ଉପରେ ଦକ୍ଷତା ନଥିବ ସେ ଜଣେ ଭଲ ଜ୍ୟୋତିଷ ହୋଇପାରିବନି। ତେଣୁ କୁହାଯାଏ ଭାରତୀୟ ଜ୍ୟୋତଷ ଶାସ୍ତ୍ର ନିର୍ଣ୍ଣାୟକ ଲଙ୍ଗିଚ୍ୟୁଡ ଗ୍ରହ ଉପରେ ପରିବେଷ୍ଟିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଲେ ମହମ୍ମଦ ସିରାଜ୍

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମିଳିଛି ଆଇସିସିର ବଡ଼ ପୁରସ୍କାର । ଇଂଲଣ୍ଡ ବିପକ୍ଷ ସିରିଜରେ ନିଜର ଦମ୍ ଦେଖାଇଥିବା ସିରାଜ୍ ଅଗଷ୍ଟ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ହେବାର ମାନ୍ୟତା ପାଇଛନ୍ତି । ଅଗଷ୍ଟ ମାସରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସିରାଜ୍ ଓଭାଲରେ ଖେଳିଥିଲେ । ଉକ୍ତ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ବୋଲି ଆଇସିସି ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି ।

ଓଭାଲ ଟେଷ୍ଟରେ ୨୧.୧୧ ହାରରେ ସିରାଜ ଉଭୟ ଇନିଂସରେ ମୋଟ ୯ଟି ୱିକେଟ ଦଖଲ କରିଥିଲେ । ଏହି ପ୍ରଦର୍ଶନ ଯୋଗୁ ଭାରତ କେବଳ ସିରିଜ ଜିତି ନଥିଲା, ବରଂ ସିରିଜ୍‌କୁ ଇଂଲଣ୍ଡ ସହ ୨-୨ରେ ଡ୍ର' ରଖିବାକୁ ସକ୍ଷମ ହୋଇଥିଲା । ଦ୍ରୁତ ବୋଲର ସିରାଜ ଓଭାଲ ଟେଷ୍ଟରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ବି ଜିତିଥିଲେ । ଦ୍ୱିତୀୟ ଇନିଂସରେ ସେ ଏକାକୀ ୪୬ ଓଭର ବୋଲିଂ କରି ୫ ୱିକେଟ ଦଖଲ କରିଥିଲେ ।

ଅଗଷ୍ଟ ମାସର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସିରାଜଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ ଓ ୱେଷ୍ଟଇଣ୍ଡିଜର ଜୟଡେନ ସେଲ୍ସ ରହିଥିଲେ । କିନ୍ତୁ ସିରାଜ ଉଭୟଙ୍କୁ ପଛରେ ପକାଇ ଆଇସିସିର ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି ।

ଇଂଲଣ୍ଡ ବିପକ୍ଷ ୫ଟି ଯାକ ଟେଷ୍ଟରେ ସିରାଜ୍ ଏକମାତ୍ର ଦ୍ରୁତ ବୋଲର ଭାବେ ନଜର ଆସିଥିଲେ । ସେ ସବୁ ମ୍ୟାଚ୍‌ରେ ସମାନ ଢଙ୍ଗରେ ବୋଲିଂ କରି ସିରିଜରେ ସର୍ବାଧିକ ୱିକେଟ(୨୩) ମଧ୍ୟ ଦଖଲ କରିବାକୁ ସକ୍ଷମ ହୋଇଥିଲେ ।

ମାସର ଶ୍ରେଷ୍ଠ ଖେଳାଳି ହେବା ପରେ ସିରାଜ କହିଛନ୍ତି ଯେ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ମାନ୍ୟତା ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ମାନ । ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଗୋଟିଏ ସ୍ମରଣୀୟ ସିରିଜ ବୋଲି କହିଛନ୍ତି ।

# ଭାରତର ଅଣଦେଖା ପରେ 'ବୟକଟ୍'ର ଧମକ୍ ଦେଲା ପାକିସ୍ତାନ

**ଦୁବାଇ**

ଭାରତ ଠାରୁ ଲଜ୍ଜାଜନକ ପରାଜୟ ପରେ ହତାଶ ହୋଇ ପଡ଼ିଥିବା ପାକିସ୍ତାନ କ୍ରିକେଟ ଟିମ୍ ନୂଆ ଭେଳିକି ଦେଖାଇବା ଆରମ୍ଭ କରିଛି । ଭାରତ ବିପକ୍ଷ ମ୍ୟାଚ୍‌ରେ ହାରିବା ପରେ ମଧ ପାକିସ୍ତାନର ଖେଳାଳିମାନେ ହାତ ମିଳାଇବାକୁ ଦୌଡ଼ି ଆସିଥିଲେ । କିନ୍ତୁ ଭାରତୀୟ କୌଣସି ଖେଳାଳି ସେମାନଙ୍କ ସହ ହାତ ମିଳାଇ ନଥିଲେ କିମ୍ବା କଥା ହୋଇ ନଥିଲେ । ଏସିଆ କପ୍ ଭଳି ବଡ଼ ମଞ୍ଚରେ ଏପରି ଅପମାନିତ ହୋଇଥିବା ପାକିସ୍ତାନ ଏବେ ବୟକଟର ଧମକ ଦେଇଛି ।

ଯଦି ଆଇସିସି ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରା ନ ଯିବ, ତା'ହେଲେ ୟୁଏଇ ବିପକ୍ଷ ନିଜର ଶେଷ ଲିଗ୍ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବ ବୋଲି ଧମକ ଦେଇଛି ।

ରବିବାର ଦୁବାଇରେ ଅନୁଷ୍ଠିତ ମ୍ୟାଚ୍‌ର ଟସ୍ ବେଳେ ଭାରତର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ସଲମାନ ଅଲୀ ଆଘାଙ୍କ ସହ ହାତ ମିଳାଇ ନଥିଲେ । ଭାରତ ୭ ୱିକେଟରେ ଜିତିବା ପରେ ଖେଳାଳିମାନେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇ ସିଧା ଡ୍ରେସିଂ ରୁମ୍‌କୁ ଚାଲି ଯାଇଥିଲେ । ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଏହି ମ୍ୟାଚ୍ ଖେଳା ଯାଉଥିବା ବେଳେ ଭାରତୀୟ କ୍ରିକେଟ ଟିମ୍ ପାକିସ୍ତାନକୁ ଅଣଦେଖା କରିଥିଲା ।

ମ୍ୟାଚ୍ ପରେ ଭାରତୀୟ ଖେଳାଳି ହାତ ମିଳାଇ ନଥିବାରୁ ଏହା କ୍ରୀଡ଼ା ମନୋଭାବ ବିରୋଧୀ ବୋଲି ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରଥମେ ମ୍ୟାଚ୍ ରେଫ୍ରୀ ଆଣ୍ଡୀ ପୟକ୍ରଫ୍ଟଙ୍କ ନିକଟରେ ଅଭିଯୋଗ କରିଥିଲା । ହେଲେ ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟ ପିସିବି କଥାରେ କାମ ନ କରିବାରୁ ଏବେ ତାଙ୍କୁ ବହିଷ୍କାର କରିବାକୁ ପାକିସ୍ତାନ ଦାବି କରିଛି ।



ରିପୋର୍ଟ ଅନୁସାରେ, ମଙ୍ଗଳବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ମ୍ୟାଚ୍ ରହିଛି । ଏହା ପୂର୍ବରୁ ଯଦି ଆଣ୍ଡୀ ପୟକ୍ରଫ୍ଟଙ୍କୁ ଏସିଆ କପ୍ ମ୍ୟାଚ୍ ରେଫରୀ ପ୍ୟାନେଲରୁ ହଟା ନ ଯିବ, ତା'ହେଲେ ପାକିସ୍ତାନ ମଙ୍ଗଳବାର ମ୍ୟାଚ୍‌କୁ ବୟକଟ କରିବାକୁ ଧମକ ଦେଇଛି ।

ରବିବାର ମ୍ୟାଚ୍ ଭଳି ମଙ୍ଗଳବାର ମ୍ୟାଚ୍‌ରେ ମଧ୍ୟ ଆଣ୍ଡୀ ପୟକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରୀ ଭାବେ ନିଯୁକ୍ତ କରାଯାଇଛି । ହେଲେ ପିସିବି ବିଧିବଦ୍ଧ ଭାବେ ଏସିଆନ କ୍ରିକେଟ କାଉନସିଲକୁ ଏହା ବିରୋଧରେ ଚିଠି ଲେଖିଛି । ସେହିପରି ପିସିବି ତଥା ଏସିସି ମୁଖ୍ୟ ମୋହଶିନ ନକବୀ ମଧ୍ୟ ଆଣ୍ଡୀ ପୟକ୍ରଫ୍ଟଙ୍କ ବିରୋଧରେ ଗୋଟିଏ ଅଭିଯୋଗ ଆଇସିସି ପାଖରେ ଦାଖଲ କରିଛନ୍ତି ।

ନକବୀ ଏକ୍ସରେ ଲେଖିଛନ୍ତି ଯେ "ମ୍ୟାଚ୍ ରେଫରୀ କ୍ରୀଡ଼ା ମନୋଭାବ ସମ୍ପର୍କରେ ଆଇସିସିର ଆଚରଣ ବିଧି ଓ ଏମସିସି ପ୍ରସ୍ତୁତ କରିଥିବା ଆଇନର ଉଲ୍ଲଙ୍ଘନ କରିଥିବାରୁ ପିସିବି ପକ୍ଷରୁ ଆଇସିସି ନିକଟରେ ଗୋଟିଏ ଅଭିଯୋଗ ଦାଖଲ କରାଯାଇଛି । ଏସିଆ କପରୁ ଉଲ୍ଲଙ୍ଘନକାରୀ ମ୍ୟାଚ୍ ରେଫରୀଙ୍କୁ ତୁରନ୍ତ ହଟାଇବାକୁ ପିସିବି ଦାବି କରୁଛି ।"

ଅନ୍ୟପକ୍ଷରେ ଏସିଆନ କ୍ରିକେଟ କାଉନସିଲ ସୂତ୍ରରୁ ଜଣାପଡ଼ିଛି ଯେ ମ୍ୟାଚ୍ ରେଫରୀ ଆଣ୍ଡୀ ପୟକ୍ରଫ୍ଟ ଖେଳ ଶେଷ ହେବା ପରେ ଭାରତ ଓ ପାକିସ୍ତାନର ଖେଳାଳି ପରସ୍ପର ସହ ହାତ ମିଳାବେ ନାହିଁ କଥା ସଲମାନ ଆଘାଙ୍କୁ କହିବାକୁ ଭୁଲି ଯାଇଥିଲେ । ଏଥିପାଇଁ ସଲମାନ ହାତ ମିଳାଇବାକୁ ଆସି ନିରାଶ ହୋଇଥିଲେ । ମ୍ୟାଚ୍ ପରେ ଏଥିପାଇଁ ଆଣ୍ଡୀ ପୟକ୍ରଫ୍ଟ ମଧ୍ୟ ପାକିସ୍ତାନ ଖେଳାଳିଙ୍କୁ କ୍ଷମା ମାଗିଥିଲେ । ତଥାପି ତାଙ୍କୁ ହଟାଇବା ଜିଦ୍‌ରେ ପାକିସ୍ତାନ ରହିଛି ।

## ଭାରତ-ପାକିସ୍ତାନ ମ୍ୟାଚ୍ ଫିକ୍ସ

# ୧୦୦୦ କୋଟି ଟଙ୍କାର ଆସିଲା ସାଂଘାତିକ ବୟାନ

**ମୁମ୍ବାଇ**

ଦୁବାଇରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା କ୍ରିକେଟ ମ୍ୟାଚ୍‌କୁ ନେଇ ଭାରତରେ ରାଜନୈତିକ ହଇଚଇ ଜାରି ରହିଛି । ଉଦ୍ଧବ ଠାକ୍‌ରେ ଗୋଷ୍ଠୀର ନେତା ସଞ୍ଜୟ ରାଉତ ଏକ ବଡ଼ ଦାବି କରିଛନ୍ତି, ସମ୍ପୂର୍ଣ୍ଣ ମ୍ୟାଚ୍ ଫିକ୍ସ ହୋଇ ଥିଲା । ଏହି ମ୍ୟାଚ୍‌ରୁ ପାକିସ୍ତାନକୁ ୧୦୦୦ କୋଟି ଟଙ୍କା ଲାଭ ହୋଇଥିଲା । ଶିବସେନା (ୟୁବିଟି) ରାଜ୍ୟ ସଭା ଏମ୍ପି ସଞ୍ଜୟ ରାଉତ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ମ୍ୟାଚ୍ ହେବା ସରକାରଙ୍କ ନିର୍ଲଜ୍ଜତା । ଭାରତ-ପାକିସ୍ତାନ ମ୍ୟାଚ୍ ହେବା ଆମର ସେନା, ଶହୀଦ, ମହିଳାମାନଙ୍କ ପ୍ରତି ଅପମାନ । ମ୍ୟାଚ୍ ଖେଳିଲେ କ'ଣ ସିନ୍ଦୂର ଫେରି ଆସିବ? ପାକିସ୍ତାନ କ୍ରିକେଟ ବୋର୍ଡ ମ୍ୟାଚ୍‌ରୁ ୧୦୦୦ କୋଟି ଟଙ୍କା ପାଇଛି । ଦେଢ଼ ଲକ୍ଷ କୋଟି ଟଙ୍କା ବାଜି ଲଗାଯାଇଥିଲା । ସମ୍ପୂର୍ଣ୍ଣ ମ୍ୟାଚ୍ ଫିକ୍ସ ହୋଇଥିଲା । ସେଥିମଧ୍ୟରୁ ୫୦ ହଜାର କୋଟି ଟଙ୍କା ପାକିସ୍ତାନକୁ ଯାଇଥିଲା ।

ସଞ୍ଜୟ ରାଉତ କହିଛନ୍ତି, ତୁମେ ଆଇଏମଏଫ ଏବଂ ଏସୀୟ ବିକାଶ ବ୍ୟାଙ୍କକୁ ଋଣ ନ ଦେବାକୁ କହିଥିଲ । କାରଣ ଏହି ଟଙ୍କା ଆତଙ୍କବାଦୀ କାର୍ଯ୍ୟକଳାପରେ ବ୍ୟବହାର କରାଯିବ । ରବିବାର ପାକିସ୍ତାନକୁ ଭାରତ



ସହାୟତାରେ ଯେଉଁ ଟଙ୍କା ମିଳିଥିଲା ତାହା କ'ଣ? ଅମିତ ଶାହଙ୍କ ପୁଅ ଜୟ ଶାହା ଟଙ୍କା ଦେଇଥିଲେ । ଏହି ଟଙ୍କା କେବଳ ଆତଙ୍କବାଦରେ ବ୍ୟବହାର କରାଯିବ ।

ଶିବସେନା (ୟୁବିଟି) ପୂର୍ବରୁ ମ୍ୟାଚ୍ ବିରୋଧରେ ଆନ୍ଦୋଳନ ଘୋଷଣା କରିଥିଲା । ଶିବସେନା ସିନ୍ଦୂର ରକ୍ଷା ଆନ୍ଦୋଳନ ଚଳାଇଥିଲା । ବିରୋଧୀ ଦଳଗୁଡ଼ିକ କହିଥିଲେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ହେବା ଉଚିତ୍ ନୁହେଁ ।

ଭାରତ ରବିବାର ଏସିଆ କପର ହାଇଭୋଲଟେଜ୍ ମ୍ୟାଚରେ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନର ଦଳ ୨୦ ଓଭରରେ ୯ ଉଇକେଟ ହରାଇ କେବଳ ୧୨୭ ରନ କରିପାରିଥିଲା । ଅନ୍ୟପକ୍ଷରେ, ଭାରତୀୟ ଦଳ ୧୫.୫ ଓଭରରେ ୩ ଉଇକେଟ ହରାଇ ୧୩୧ ରନ କରି ୭ ଉଇକେଟରେ ମ୍ୟାଚ ଜିତିଥିଲା ।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ କ୍ରିକେଟ : ଖୋର୍ଦ୍ଧାର ୭ ଖେଳାଳି ସମ୍ବର୍ଦ୍ଧିତ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରୁଥିବା ୬ ଗୋଟି ଦଳରେ ଖେଳିବାକୁ ଥିବା ଖେଳାଳିମାନଙ୍କ ନିଲାମ ପ୍ରକ୍ରିୟାରେ ଖୋର୍ଦ୍ଧା ଜିଲ୍ଲାରୁ ସାତଜଣ ଖେଳାଳି ନିଲାମରେ ବିକ୍ରି ହୋଇ ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ମନୋନୀତ ହୋଇଛନ୍ତି । ଆର୍ଯ୍ୟଶ୍ରୀ ଦେବାଶିଷ ଭଞ୍ଜ ଭୁବନେଶ୍ୱର ଟାଇଗର୍ସ, ଦେବବ୍ରତ ପ୍ରଧାନ ଏବଂ ବିଶ୍ୱଭୂଷଣ ବିହାରୀ କେନ୍ଦୁଝର ମାଇନର୍ସ, ରୁଦ୍ର ପ୍ରାସାଦ ମଲ୍ଲିକ ଏବଂ ଆଦିତ୍ୟ ଜୟସିଂ ପୁରୀ ଟାଇଟନ୍ସ, ରାକେଶ ପଟ୍ଟନାୟକ ଏବଂ ହେମନ୍ତ ରଥ ସମ୍ବଲପୁର ୱାରିୟର୍ସ ପାଇଁ ଖେଳିବେ । ଏହି ପରିପେକ୍ଷୀରେ ଜିଲ୍ଲା



କ୍ରିକେଟ ସଙ୍ଘ ସମସ୍ତ ଖେଳାଳିମାନଙ୍କୁ ଖୋର୍ଦ୍ଧା ମିନି ଷ୍ଟାଡିୟମ ଠାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ରାଜେନ୍ଦ୍ର କୁମାର ସାହୁ , ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ସଂଯୋଜକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କାଜଲ ବଲିୟାର ସିଂ, ବ୍ରିଜେଶ ପ୍ରଧାନ, ଦେବୀ ଶଙ୍କର ପଣ୍ଡା, ବିବେକାନନ୍ଦ ବୋଷ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା, କୋଚ୍ ସୌମେନ୍ଦ୍ର ମହାନ୍ତି, ରୋହିତ ରଞ୍ଜନ ରାୟ, କିରଣ ଶତପଥି, ସୁଧୀର ସାହୁ, ହାପି ଲାଲା, ବିଶ୍ୱନାଥ ପାତ୍ର ପ୍ରମୁଖ କ୍ରିକେଟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଖେଳାଳିମାନେ ଭଲ ପ୍ରଦର୍ଶନ କରି ଖୋର୍ଦ୍ଧା ମାଟିର ଟେକ ରଖିବାକୁ ରାଜେନ୍ଦ୍ର କୁମାର ସାହୁ ସମସ୍ତ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲା ବେଳେ ସମ୍ପାଦକ ବିକାଶ ପ୍ରଧାନ ଖୋର୍ଦ୍ଧା ତଥା ଓଡ଼ିଶାର ଯୁବ କ୍ରିକେଟ ଏହି ଲିଗ୍ ଦ୍ୱାରା ପ୍ରୋତ୍ସାହିତ ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ ।

# ମୟୂରଭଞ୍ଜ ଅଥ୍‌ଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ନୂତନ ପ୍ରଶାସନିକ ଭବନ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭବନର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଲୋକସଭା ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟକ ସଞ୍ଜଲୀ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଉପସ୍ଥିତ



ଥିଲେ । ବାରିପଦା ଷ୍ଟାଡିୟମରେ ତିନି ମହଲା ବିଶିଷ୍ଟ କ୍ଲବ ଘର ସହିତ ସନ୍ତରଣାଗାର, ଇଣ୍ଡୋର ବକ୍ସିଂ, ରେସଲିଙ୍ଗ ଅଭ୍ୟାସ ଗୃହ, ଦୁଇଟି ଖେଳାଳିଙ୍କ ପାଇଁ ପେଭିଲିଆନ ଆଦିର ଆବଶ୍ୟକତା ଉପରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରାୟ ୮୪ କୋଟି ଟଙ୍କାର ଏକ ପ୍ରକଳ୍ପ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ତୁରନ୍ତ ଏହାକୁ ବିଚାରକୁ ନିଆଯାଇ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, କୋଷାଧକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଗୌରୀ ଶଙ୍କର ସିନ୍‌ହା, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ହର ପ୍ରସାଦ ପାତ୍ର, ଫାଓ ଉପସଭାପତି ଅସିତ ବରଣ ପତି, ଅଭିଏ ଉପ ସଭାପତି ମନୋରଞ୍ଜନ ଜୀଉ ଓ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । କୁମାର ରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ ।

# ଭାରତର ବିଜୟକୁ ସେନାକୁ ସମର୍ପିତ କଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫, ୧୪ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷରେ ଭାରତର ୭ ୱିକେଟରେ ଚମତ୍କାର ବିଜୟ ପରେ, ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡ଼ିତଙ୍କ ପରିବାର ସହିତ ତାଙ୍କର ଏକତା ପ୍ରକାଶ କରିଥିଲେ । ପ୍ରସାରକମାନଙ୍କ ସହ କଥାବାର୍ତ୍ତା ସମୟରେ, ଗମ୍ଭୀର ମଧ୍ୟ ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାକୁ ଧନ୍ୟବାଦ ଜଣାଇଥିଲେ । ପ୍ରକୃତରେ, ଭାରତ ସୀମାରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଥିଲା । ସେହି ସମୟରେ, ବର୍ତ୍ତମାନ ଭାରତ କ୍ରିକେଟ ପଡ଼ିଆରେ ମଧ୍ୟ ପାକିସ୍ତାନ ଠାରୁ ପ୍ରତିଶୋଧ ନେଇଛି । ରବିବାର, ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରି ଏସିଆ କପ ୨୦୨୫ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ବିଜୟ ପରେ, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏହି ବିଜୟକୁ ଭାରତୀୟ ସୈନିକ ମାନଙ୍କୁ ଉତ୍ସର୍ଗ କରିଛନ୍ତି । ସେ ମ୍ୟାଚ ପରେ କହିଥିଲେ, 'ଏକ ଦଳ ଭାବରେ, ଆମେ ପହଲଗାମ ଆକ୍ରମଣର ପୀଡିତଙ୍କ ପରିବାର ସହିତ ଠିଆ ହେବାକୁ ଚାହୁଁଥିଲୁ । ଅପରେଶନ ସିନ୍ଦୂରକୁ ସଫଳ କରିଥିବା ଆମର ସୈନିକମାନଙ୍କୁ ଧନ୍ୟବାଦ ।'

# କର୍ମଚାରୀ ଠାରୁ କର୍ମଯୋଗୀ ପର୍ଯ୍ୟନ୍ତ... ପ୍ରଧାନମନ୍ତ୍ରୀଙ୍କ ଭବିଷ୍ୟତ ଅନୁକୂଳ ଶାସନ ପଦ୍ଧତି ପ୍ରସ୍ତୁତି



ଡକ୍ଟର ଆର. ବାଲସୁବ୍ରମଣ୍ୟମ
ଭାରତ ସରକାରଙ୍କ ଦକ୍ଷତା ନିର୍ମାଣ ଆୟୋଗର ମାନବ ସମ୍ବଳ ବିଭାଗର ସଦସ୍ୟ

ଦେଶ ସାଧାରଣ ପ୍ରଶାସନରେ ସଂସ୍କାର ଓ ପରିବର୍ତ୍ତନ ଆଣିବା ପାଇଁ ଅଭୂତପୂର୍ବ ପ୍ରୟାସ କରୁଛି । ବର୍ତ୍ତମାନ ଭାରତରେ କେବଳ ଅଧିକାରୀମାନଙ୍କ ପ୍ରଶିକ୍ଷଣ ପଦ୍ଧତିରେ ପରିବର୍ତ୍ତନ ଆସୁନାହିଁ, ସେମାନଙ୍କର ସେବାର ପରିଣାମ ମଧ୍ୟ ପରିବର୍ତ୍ତନ ହେଉଛି । 'ମିଶନ କର୍ମଯୋଗୀ – ଲୋକ ସେବା କ୍ଷମତା ନିର୍ମାଣ' ଏକ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଭାବେ, ଆଜି ପରିବର୍ତ୍ତନର ଇଞ୍ଜିନ ଭଳି ଭୂମିକା ନିର୍ବାହ କରୁଛି । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଝଲକ ସ୍ପଷ୍ଟ ରୂପେ ପ୍ରତିବିମ୍ବିତ ହେଉଛି । ୨୫ ବର୍ଷରୁ ଅଧିକ ସମୟ ଧରି ସରକାର ପରିଚାଳନା କରିବା ଏବଂ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଅଧିକ ଧରି ସାଧାରଣ ଜୀବନର ଅନୁଭବ ରଖିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ, ସରକାରୀ ବ୍ୟବସ୍ଥାଗୁଡ଼ିକ ପ୍ରତି ଏକ ସଞ୍ଚାଳକ ଭଳି ବୋଧଶକ୍ତି, ଏହାର ମୂଳ ଆଧାର ପ୍ରତି ଏକ ସୁଧାରକ ଭଳି ଜ୍ଞାନ ଏବଂ ଧ୍ରୁବତାରା ଭଳି ଏକ ସ୍ପଷ୍ଟ – ପ୍ରଥମେ ନାଗରିକ, ବିକଶିତ ଭାରତର ଉଦ୍ଦେଶ୍ୟକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ।

'ମିଶନ କର୍ମଯୋଗୀ'ର ବିଶେଷତା ଏହା ଯେ, ଏହି ବ୍ୟବସ୍ଥା କେବଳ ଲୋକମାନଙ୍କୁ ପ୍ରଦର୍ଶନ କରିବା ଭଳି ଏକ ମାନବ ସମ୍ବଳ ଜନିତ ସୁଧାର କାର୍ଯ୍ୟକ୍ରମ ନୁହେଁ । ଏହା ଦେଶର ଲୋକ ସେବାଗୁଡ଼ିକର ମୂଲ୍ୟ ଆଧାରିତ ସଂସ୍କାର ତଥା ପରିବର୍ତ୍ତନକାରୀ ପୁନଃରଚନା ଅଟେ ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କ ନିକଟରେ ସକଳ ଯୋଜନାର ସୁଫଳ ପହଞ୍ଚାଇବା ନିମନ୍ତେ ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମ ତିନିଗୋଟି ନିର୍ଣ୍ଣାୟକ ପରିବର୍ତ୍ତନକୁ ସଂହିତାବଦ୍ଧ କରିଥାଏ: ପ୍ରଥମ ପରିବର୍ତ୍ତନ ସରକାରୀ କର୍ମଚାରୀମାନଙ୍କ ମାନସିକତାରେ ଗଭୀର ପରିବର୍ତ୍ତନ ଆଣି, ନିଜକୁ କେବଳ ସରକାରୀ ଅଧିକାରୀ ନୁହେଁ ବରଂ କର୍ମଯୋଗୀ ବୋଲି ଅନୁଭବ କରିବାକୁ ପ୍ରେରିତ କରାଯାଏ । ଦ୍ୱିତୀୟ – ସେଭଳି କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ଦାୟିତ୍ୱବୋଧ ବୃଦ୍ଧି କରାଯାଏ ଏବଂ ପ୍ରଣାଳୀରେ ଥିବା ସମସ୍ତ ପ୍ରକାର ବାଧାକୁ ଦୂର କରାଯାଏ, ଯାହାଦ୍ୱାରା ପ୍ରଦର୍ଶନରେ ସୁଦୃଢ଼ତା ଆସିପାରେ । ତୃତୀୟରେ, ସେହିପରି, ସାର୍ବଜନୀନ ମାନବ ସମ୍ବଳ ପ୍ରବନ୍ଧନ ପ୍ରଣାଳୀକୁ ମଧ୍ୟ ନିୟମ-ଆଧାରିତ ଠାରୁ ଭୂମିକା-ଆଧାରିତ ପ୍ରଣାଳୀରେ ପରିବର୍ତ୍ତନ କରି, ଦକ୍ଷତା-ନିର୍ମାଣକୁ ନୂଆ ଦିଗରେ ନେବା ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏକବିଂଶ ଶତାବ୍ଦୀର ଶାସନ ପ୍ରଣାଳୀରୁ ଦୂରଦର୍ଶୀ ଭାବନା ଜନ୍ମ ନେଇଥିବା ଏହି ଯୋଜନା, ବର୍ତ୍ତମାନ ସ୍ପଷ୍ଟ ଭାବରେ ଦେଶବାସୀଙ୍କ ସମ୍ମୁଖରେ ପ୍ରତିପାଦିତ ହୋଇଛି ।

ଏହା ହେଉଛି ଏକ ଜୀବନ୍ତ ତଥା ଫଳପ୍ରସୂ ନେତୃତ୍ୱର ପରିଣାମ । ମୁଖ୍ୟମନ୍ତ୍ରୀ ହେଉଥିବା ସମୟରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ, ଶ୍ରୀ ନରେନ୍ଦ୍ର ମୋଦୀ ସରକାରୀ କାର୍ଯ୍ୟସଂସ୍କୃତିକୁ ସାମଗ୍ରିକ ଭାବରେ ପରିବର୍ତ୍ତନ କରିଛନ୍ତି । ସେ କେବଳ ବିଭିନ୍ନ କ୍ଷେତ୍ରରେ ଥିବା ବୈଷମ୍ୟକୁ ଦୂର କରିନାହାନ୍ତି, ବରଂ ମନ୍ତ୍ରୀମାନଙ୍କ ମଧ୍ୟରେ ସମୟାନ୍ତରେ ଆଲୋଚନା ଓ ସମନ୍ୱୟକୁ ଗୁରୁତ୍ୱ ଦେଇଛନ୍ତି । କାମକୁ କେବଳ ଫାଇଲ୍ ସ୍ଥାନାନ୍ତରଣ ପର୍ଯ୍ୟନ୍ତ ସୀମିତ ନ ରଖି, ସେ ବ୍ୟବସ୍ଥାଗତ ସମାଧାନ ଉପରେ ପ୍ରାଥମିକତା ଦେଇଛନ୍ତି । ଏହି ଭାବନାର ସ୍ପଷ୍ଟ ପ୍ରତିଛବି ବୈଶ୍ୱିକ କରୋନା ମହାମାରୀ ସମୟରେ ଦେଖିବାକୁ ମିଳିଥିଲା । ସେତେବେଳେ ସରକାର, ଉଦ୍ୟୋଗ, ସାଧାରଣ ନାଗରିକ ସମାଜ ଏବଂ ସ୍ୱୟଂସେବୀମାନଙ୍କ ସମ୍ମିଳିତ ଭାଗୀଦାରୀ ଦ୍ୱାରା 'ଟିମ୍ ଇଣ୍ଡିଆ'ର ଧାରଣା କେବଳ ସ୍ଥାପିତ ହୋଇନଥିଲା, ବରଂ ଏକ ସଫଳ ଏବଂ ପ୍ରଭାବଶୀଳ ମଡେଲ୍ ବୋଲି ପ୍ରମାଣିତ ହୋଇଥିଲା । ଆଜି, ସେହି ସହଯୋଗାତ୍ମକ ଶକ୍ତିକୁ ସଂସ୍ଥାଗତ ରୂପ ଦିଆଯାଇ, ଜି.ଇ.ଏମ. ଏବଂ 'ଗତିଶକ୍ତି' ଭଳି ସଂସ୍କାରକୁ ସଂସ୍ଥାଗତ ରୂପ ପ୍ରଦାନ କରୁଛି ।

ସେ ନିଜର ନେତୃତ୍ୱ ଅଭ୍ୟାସଗୁଡ଼ିକୁ ସଂସ୍ଥାଗତ ସଂରଚନାରେ ମଧ୍ୟ ପରିଣତ କରିଥିଲେ । ଗୁଜରାଟରେ ଆରମ୍ଭ କରାଯାଇଥିବା ଚିନ୍ତନ ଶିବିର – ଆବାସିକ, ପଦାନୁକ୍ରମ-ସ୍ତରୀୟ ବିଚାର ମନ୍ଥନ ସଭା- ବର୍ତ୍ତମାନ କେନ୍ଦ୍ର ସରକାରଙ୍କ କାର୍ଯ୍ୟସୂଚୀର ଅଂଶ ହୋଇପାରିଛି । ନିରନ୍ତର ଶିକ୍ଷାପ୍ରତି ତାଙ୍କର ଯୋର୍ କେବଳ ବ୍ୟକ୍ତିଗତ ନୁହେଁ; ନିଜର ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବା ସହିତ ସେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅଧିକାରୀମାନେ ଆଇ.ଜି.ଓ.ଟି ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି କି ନାହିଁ, ତାହାକୁ ମଧ୍ୟ ଯାଞ୍ଚ କରିଥାନ୍ତି । ସଂସ୍ଥାଗତ ସ୍ମୃତି ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ବହୁତ ସମାବେଶୀ ଥିଲା । ପଦଭାର ଗ୍ରହଣ କରିବା ପରେ, ସେ ମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ ଯେ, ସେମାନେ ଦଶନ୍ଧି ଦଶନ୍ଧି ଧରି ବ୍ୟବସ୍ଥା ପ୍ରଣାଳୀ ସହିତ ପରିଚିତ ତାଙ୍କର ସହାୟକ ଓ ବିଭାଗୀୟ ଅଧିକାରୀମାନଙ୍କୁ ଠାରୁ ଶିଖନ୍ତୁ । ବ୍ୟବହାର ଓ କାର୍ଯ୍ୟକ୍ରମରେ ସଂସ୍କୃତି ପରିବର୍ତ୍ତନ ଏହିଭଳି ଭାବରେ ପ୍ରଦର୍ଶିତ ହୋଇଥାଏ ।

ତୃଣମୂଳ ସ୍ତରରେ ସୁଦ୍ଧା, ସଂସ୍କାରର ଯେଉଁ ଦୃଢ଼ ଢାଞ୍ଚା ଥିଲା ସେଥିରେ ପରିବର୍ତ୍ତନ ଆଣିବା ସକାଶେ ସେ ଏକ ଅଭିନବ ପଦ୍ଧତି ପ୍ରବର୍ତ୍ତନ କରିଥିଲେ । ଆଇ.ଜି.ଓ.ଟି - କର୍ମଚାରୀ ପ୍ଲାଟଫର୍ମ ଏକ ବ୍ୟାପକ ତଥା ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ଶିକ୍ଷାଲାଭ କରିବାର ଏକ 'ଇକୋ ସିଷ୍ଟମ' ଅଟେ । ଏଥିରେ ୩,୦୦୦ରୁ ଅଧିକ ସ୍ୱ-ପ୍ରଗତି ପାଠ୍ୟକ୍ରମ ସାମିଲ ରହିଛି ଯାହା ସମସ୍ତଙ୍କ ନିମନ୍ତେ ସୁଲଭ୍ୟ ଏବଂ ସେଥିରେ ଶିକ୍ଷା ଗ୍ରହଣକୁ ଜନକୈନ୍ଦ୍ରିକ କରାଯାଇଛି । ଏହିସବୁ ଶିକ୍ଷା ଆହରଣ ନିମନ୍ତେ ମାନବ ସଂସାଧନ କାର୍ଯ୍ୟ ଭଳି ଯୋଗ୍ୟତା ମାନଚିତ୍ରଣ, କ୍ୟାରିୟର ନିୟୋଜନକୁ ମାର୍ଗଦର୍ଶନ ସହିତ ଯୋଡ଼ାଯାଇଛି । ଦେଶକୁ ପ୍ରଦର୍ଶନ ପୁଲିସିଂ ସହିତ ସକ୍ଷମ କ୍ଷମତା ଦିଗରେ ଆଗକୁ ଆଗେଇ ନେଇଯାଉଛି । ଏହା ପ୍ରଥମରୁ ହିଁ ବିପୁଳ ମାତ୍ରାରେ ଶକ୍ତି ପ୍ରଦାନ କରିବାର ଫଳାଫଳ ପ୍ରଦର୍ଶନ କରିଚାଲିଛି । ଲକ୍ଷ ଲକ୍ଷ ଅଧିକାରୀଙ୍କୁ ନୂତନ ଆଇନର ଢାଞ୍ଚା ଅନୁସାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି; ଦେଶବ୍ୟାପୀ ଲକ୍ଷ ଲକ୍ଷ ପୁଲିସ ଅଧିକାରୀ, କର୍ମୀ, ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ ନାଗରିକମାନଙ୍କ ସହିତ ପାରସ୍ପରିକ ସମ୍ପର୍କକୁ ମଜଭୁତ କରିଚାଲିଛନ୍ତି ଏବଂ ସେବା ଭାବନାର ସହିତ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ସେହିଭଳି ଭାବରେ ବିପୁଳ ସଂଖ୍ୟାରେ ଲୋକ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ଏବଂ ଆଇ.ଟି.ଓ. ଭଳି ସେବା କ୍ଷେତ୍ରରେ ମୁଣ୍ଡ ଟେକିଥିବା ପ୍ରଯୁକ୍ତିରେ ପ୍ରମାଣପତ୍ର ଲାଭ କରୁଛନ୍ତି । ଏହା ପ୍ରମାଣିତ କରିଛି ଯେ ପ୍ରଧାନମନ୍ତ୍ରୀଙ୍କ 'ପ୍ରଯୁକ୍ତି- ଅନୁକୂଳ' ପ୍ରାଥମିକତା ସଂସ୍ଥାଗତ କ୍ଷମତାରେ ପରିବର୍ତ୍ତିତ ହୋଇ ସାରିଛି ।

ଏହିସବୁ କାର୍ଯ୍ୟକ୍ରମର ଦାର୍ଶନିକ ମୂଳ ମଧ୍ୟ ସେତିକି ମହତ୍ୱପୂର୍ଣ୍ଣ ବୋଲି ଅନୁଭୂତ ହୁଏ । ମିଶନ କର୍ମଯୋଗୀ ପ୍ରାଚୀନ ସଭ୍ୟତାଗତ ଜ୍ଞାନକୁ ଆଧୁନିକ ଶାସନ କଳା ସହିତ ଆଣି ସଂଯୋଗ କରିଛି – ବିକାଶ, ଗର୍ବ, କର୍ତ୍ତବ୍ୟ ଏବଂ ଏକତା ଭଳି ସଂକଳ୍ପଗୁଡ଼ିକ ସହିତ ସ୍ୱାଧ୍ୟାୟ, ସହକାର୍ଯ୍ୟତା, ରାଜ କର୍ମ ଏବଂ ସ୍ୱଧର୍ମ (ନାଗରିକମାନଙ୍କ କଲ୍ୟାଣ ଉପରେ ପ୍ରାଥମିକ ଧ୍ୟାନ) ଭଳି ବ୍ୟକ୍ତିଗତ ଗୁଣାବଳୀକୁ ମଧ୍ୟ ସମାହିତ କରେ । ଏହା କୌଣସି ପୁରୁଣା ସ୍ମୃତି ନୁହେଁ, ଏହା ଉଚ୍ଚ ପ୍ରଯୁକ୍ତି କ୍ଷମତାସମ୍ପନ୍ନ ବ୍ୟାବହାରିକ ନୈତିକତା ଭାବରେ ମଧ୍ୟ ସୁପରିଚିତ ଯାହା ଏକଥାକୁ ସୁନିଶ୍ଚିତ କରେ ଯେ ଯୋଗ୍ୟତା ଚରିତ୍ରରେ ସମାହିତ ହେବା ଜରୁରୀ ।

ନାଗରିକ-କୈନ୍ଦ୍ରିକତା – ଜନଭାଗିଦାରୀତା ହେଉଛି ଦ୍ୱିତୀୟ ସ୍ତମ୍ଭ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକଥା ଉପରେ ବାରମ୍ବାର ଗୁରୁତ୍ୱାରୋପ କରି କହିଛନ୍ତି ଯେ, ପ୍ରତ୍ୟେକ ସାର୍ବଜନିକ ନିର୍ଣ୍ଣୟର କେନ୍ଦ୍ରରେ ନାଗରିକମାନେ ରହିବା ଏକାନ୍ତ ଜରୁରୀ । ଏହା ହେଉଛି ତାଙ୍କ ଶାସନର ମୂଳମନ୍ତ୍ର । ବ୍ୟବହାରରେ ନାଗରିକ ସହଭାଗିତା ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାର ବାତାବରଣ ସୃଷ୍ଟି କରିଥାଏ । ନୀତି ଏବଂ ତାହାର କ୍ରିୟାନ୍ୱୟନରେ ସାଧାରଣ ଜନତାଙ୍କ ଭାଗିଦାରୀ ଯେତେବେଳେ ହୋଇଥାଏ ଏବଂ ଅଧିକାରୀମାନେ ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ନାଗରିକମାନଙ୍କ ସେବା ସକାଶେ ନିଜକୁ ପ୍ରସ୍ତୁତ କରିଥାଆନ୍ତି । ମିଶନ କର୍ମଯୋଗୀ ଏହି ବୁଝାମଣା ନିମନ୍ତେ ଏକ ଅନୁକୂଳ ମାନସିକତା ଏବଂ ପଦ୍ଧତିର ବିକାଶ କରିବା ନିମନ୍ତେ ରାଜ୍ୟର ସାଧନରେ ପରିଣତ ହୋଇଛି ।

ଆତ୍ମନିର୍ଭରଶୀଳତା ଏହାର ପୂରକ ଶକ୍ତି ରୂପେ ପରିଚିତ ହୋଇଛି । ଏହା କଦାପି ଏକଲାପଣ ନୁହେଁ; ଏହା ଖୋଲାପଣ ଏବଂ ବୈଶ୍ୱିକ ପ୍ରତିସ୍ପର୍ଦ୍ଧା ଦ୍ୱାରା ପ୍ରେରିତ କ୍ଷମତା ଏବଂ ଆତ୍ମବିଶ୍ୱାସ ଭାବରେ ପରିଚିତ । ଏହି ଦୃଷ୍ଟିକୋଣ କ୍ଷମତା ନିର୍ମାଣର ପ୍ରୟାସମାନଙ୍କୁ ଏବଂ 'ମାଇଁଗଭ୍' ଭଳି ପ୍ଲାଟଫର୍ମର ବ୍ୟାପକ ପ୍ରସାରରେ ମଧ୍ୟ ଦେଖିବାକୁ ମିଳୁଛି, ଯାହା ନାଗରିକମାନଙ୍କୁ କେବଳ ନିଷ୍କ୍ରିୟ ପ୍ରାପକ ନୁହେଁ, ବରଂ ସହ ନିର୍ମାତାର ଭୂମିକା ନିର୍ବାହର ସୁଯୋଗ ପ୍ରଦାନ କରେ । ଏହି ପ୍ରସଙ୍ଗଟି ଭାରତର ସଭ୍ୟତାଗତ ଲୋକାଚାରରେ ନିହିତ ରହିଛି ଏବଂ ସଂସ୍ଥାନମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ଯୁଗରେ ପ୍ରଚାର ପ୍ରସାରର ସହିତ ଫଳପ୍ରସୂ ହେବା ନିମନ୍ତେ ସକ୍ଷମ କରିଛି ।

କାର୍ଯ୍ୟକ୍ରମର ସଂସ୍ଥାଗତ ସରଞ୍ଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟାବହାରିକତା ଓ ଏହାର ସଫଳ ପ୍ରବର୍ତ୍ତନକୁ ଦର୍ଶାଇଥାଏ । ଡିଜିଟାଲ ଆଧାର ଏବଂ ବଜାରକୁ ଆଗକୁ ଆଗେଇ ନେବା ନିମନ୍ତେ ଏକ ବିଶେଷ ଆବଶ୍ୟକତାର ବାହନ, କର୍ମଯୋଗୀ ଭାରତ, ସମନ୍ୱୟ ନିମନ୍ତେ ଏକ ମନ୍ତ୍ରିମଣ୍ଡଳ ସଚିବାଳୟ ବ୍ୟବସ୍ଥା; ସଂରକ୍ଷକ ଏବଂ ମାନକ ନିର୍ଦ୍ଧାରଣ ଭାବରେ କ୍ଷମତା ନିର୍ମାଣ ଆୟୋଗ (ସି.ବି.ସି.), ଏବଂ ଶୀର୍ଷ ସ୍ତରୀୟ ସଞ୍ଚାଳନ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାନବ ସଂସାଧନ ପରିଷଦର ନେତୃତ୍ୱ ନେଉଛନ୍ତି । ଏହାର ସରଞ୍ଜନା ସହଯୋଗାତ୍ମକ, ଲେଖା ପରୀକ୍ଷଣ ଯୋଗ୍ୟ ଏବଂ ପରିଣାମ ଉନ୍ମୁଖ ଅଟେ । ଏହା ଏଭଳି ଏକ ଶାସନ ପଦ୍ଧତି ଯାହା 'ଯେକୌଣସି ସ୍ଥାନରେ କାର୍ଯ୍ୟ ସଂପାଦନ କରିବା' ଭଳି ଦେଶ ନିମନ୍ତେ ଉପଯୁକ୍ତ ଅଟେ ।

ସବୁଠାରୁ ମହତ୍ୱପୂର୍ଣ୍ଣ କଥାଟି ହେଲା ଏହା ଭାରତ ଯାହା ଶିଖାଉଛି ତାହାକୁ କେବଳ ନିଜ ନିକଟରେ ସଞ୍ଚୟ କରି ରଖୁନାହିଁ । 'ବସୁଧୈବ କୁଟୁମ୍ବକମ୍'ର ଭାବନା ଅନୁସାରେ, ଦେଶ ନିଜର ଜ୍ଞାନ, ଅନୁଭବ ଏବଂ ସାଧନକୁ ଅନ୍ୟମାନଙ୍କ ସହିତ ବାଣ୍ଟିବା ସକାଶେ ମଧ୍ୟ ନିଜକୁ ପ୍ରସ୍ତୁତ କରିଛି । ଏହା ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧ ନିମନ୍ତେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଠାରେ ପ୍ରଯୁକ୍ତିର ବ୍ୟବଧାନ ମଧ୍ୟରେ ଦେଶ ଦେଶମାନଙ୍କୁ ସମାନ କ୍ଷମତାରେ ଥିବା ଅଭାବକୁ ସାମ୍ନା କରିବାକୁ ପଡୁଛି । ମରିସସ୍‌କୁ ଏହି ଦିଗରେ ପ୍ରଥମେ ସହାୟତା ଯୋଗାଣର ବ୍ୟବସ୍ଥା ଗ୍ରହଣ କରାଯାଇଛି - ଏହା ଏକ ପ୍ରାରମ୍ଭିକ ସଂକେତ ଯେ ମିଶନ କର୍ମଯୋଗୀ ବିକାଶଶୀଳ ଲୋକତନ୍ତ୍ରରେ ଏକ ଅଭ୍ୟାସ ଗୋଷ୍ଠୀ ଗଠନ କରାଯାଇ ପାରିବ ।

ସ୍ପଷ୍ଟ ଶବ୍ଦରେ କୁହାଯାଇ ପାରିବ ଯେ, ମିଶନ କର୍ମଯୋଗୀ ଏକ ଦୂରଦର୍ଶୀ ଚିନ୍ତାଧାରାକୁ ଏକ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି । ଏହା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଶାସନର ଦୀର୍ଘ ଅବଧି- ପୂର୍ବର ସୀମାରେଖାକୁ ତୁଟାଇ ଏକ ସହଜ ପ୍ରବୃତ୍ତି, ପ୍ରଯୁକ୍ତି ସହିତ ଏହାର ସହଜ ବ୍ୟବହାର, ସଂସ୍ଥାଗତ ସ୍ମୃତି ପ୍ରତି ଏହାର ସମ୍ମାନ ଏବଂ ଏହାର ନୈତିକ ଶବ୍ଦାବଳୀକୁ ଏକ ପୁନଃ ପୁନଃ ଦୋହରାଯିବା ଭଳି ସଞ୍ଚାଳନ ମଡେଲରେ ରୂପାନ୍ତରୀତ କରିଛି । ଭୂମିକା ଆଧାରିତ ମାନବ ସଂସାଧନ, ନିରନ୍ତର ଡିଜିଟାଲ ଶିକ୍ଷା, ଜନ ଭାଗିଦାରୀ ଏବଂ ସଭ୍ୟତା ଉପରେ ଆଧାରିତ ନୈତିକତା ଏଥିରେ ସମାହିତ ହୋଇଛି । ଏହିଭଳି ଭାବରେ ଆପଣ କୌଣସି ଦେଶକୁ ଭବିଷ୍ୟତର ଆବଶ୍ୟକତା ପୂରଣ ଏବଂ ପ୍ରଗତି ନିମନ୍ତେ ପ୍ରସ୍ତୁତ କରିପାରିବେ ।

ଯଦି ଭାରତ ଏହି ପଥରେ ଅଗ୍ରଗତି କରିବ, ତେବେ ଏହାର ଫଳାଫଳ କେବଳ ତ୍ୱରିତ କାର୍ଯ୍ୟ ଫାଇଲ କିମ୍ବା ବ୍ୟବସ୍ଥିତ ସଂଗଠନାତ୍ମକ ଚାର୍ଟରେ ହିଁ ସୀମିତ ରହିବ ନାହିଁ; ବରଂ, ଏହା ଲୋକମାନଙ୍କର ବିଶ୍ୱାସରେ ମଧ୍ୟ ପ୍ରତିଫଳିତ ହେବ । ନାଗରିକମାନେ ଏଭଳି ଏକ ସରକାରକୁ ଅନୁଭବ କରିପାରିବେ-ଯାହା ତାଙ୍କର କଥାକୁ ଶୁଣେ, ସେମାନଙ୍କଠାରୁ ଶିଖେ ଏବଂ ସେମାନଙ୍କ ପାଇଁ କାର୍ଯ୍ୟ କରେ । ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣର ମୂଳମନ୍ତ୍ର ଅଟେ । ଏହି କାରଣରୁ 'ମିଶନ କର୍ମଯୋଗୀ' କେବଳ ଚଳିତ ଦଶକର ସର୍ବପ୍ରମୁଖ ପ୍ରଶାସନିକ ସୁଧାରମାନଙ୍କ ମଧ୍ୟରୁ ଗୋଟିଏ ନୁହେଁ, ବରଂ ତାହାର ବାସ୍ତବ ସ୍ୱରୂପକୁ ସ୍ପଷ୍ଟ କରିବାର ଆବଶ୍ୟକ ଅଟେ । ଏହାର ଉଦ୍ଦେଶ୍ୟ ଲୋକସେବାକୁ ସୁଦୃଢ଼ କରିବା, ଯାହାକୁ ଗୋଟିଏ ପିଢ଼ି ପାଇଁ ଦୀର୍ଘକାଳୀନ ନିବେଶ ବୋଲି କୁହାଯାଇପାରେ । ଏହାକୁ ଏଭଳି ଜଣେ ନେତା ପ୍ରସ୍ତୁତ କରିଛନ୍ତି ଯିଏ ନିଜର ଜୀବନକୁ ଲୋକମାନଙ୍କ ସେବାରେ ହିଁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଛନ୍ତି ।





# ଅନୁଭୂତି ଓ ଅଭିବ୍ୟକ୍ତିର ସମନ୍ୱୟ ହେଉଛି ଓଡ଼ିଆ ସାହିତ୍ୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ "ସାହିତ୍ୟାୟନ"ର ଊନବିଂଶତିତମ ବାର୍ଷିକୋତ୍ସବ ଓ ପ୍ର. ଯତୀନ୍ଦ୍ର ମୋହନ ମହାନ୍ତି ସ୍ମାରକୀ ବକ୍ତୃତା ଶନିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜୟକୃଷ୍ଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ 'ନୂତନ କବିତାର ନୂତନ ଦିଗନ୍ତ, ଯତୀନ୍ଦ୍ର ମୋହନ' ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୁରୁଚରଣ ବେହେରା ଯୋଗ ଦେଇଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟରେ ଇଂରାଜୀ ସାହିତ୍ୟ ସମତୁଲ୍ୟ ଚିତ୍ରକଳ୍ପ ଓ ପ୍ରତିକଳ୍ପ ପ୍ରୟୋଗ କରାଯାଇଛ, ଯାହା ଅନୁଭୂତି ଅଭିବକ୍ତିର ସମନ୍ୱୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପସନ୍ନ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା ଓ ସମ୍ମାନିତ ବକ୍ତା ଭାବେ ଅନୁବାଦକ ପ୍ରଫେସର ବସନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର "ସାହିତ୍ୟାୟନ-୨୦୨୫" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରତି ବର୍ଷ ପରି ଡ. ଦୀପକ ସାମନ୍ତରାୟଙ୍କୁ "ଯତୀନ୍ଦ୍ର ମୋହନ ସାହିତ୍ୟ ସମ୍ମାନ", କବି ବସନ୍ତ ମାଝୀଙ୍କୁ "ସାହିତ୍ୟାୟନ ସମ୍ମାନ-୨୦୨୫" ଓ କବି ବଂଶୀଧର ସେଠୀଙ୍କୁ "ମେଘନାଦ କବିତା ସମ୍ମାନ" ପ୍ରଦାନ କରାଯାଇଥିଲା । ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଅନୁଷ୍ଠାନର ସଂପାଦକ ସଂଜୟ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିଲେ । ଡ. ଦେବାଶିଷ ମହାପାତ୍ର ଓ କ୍ଷଣପ୍ରଭା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ, ମଧୁସ୍ମିତା ସ ଓ ଶାନ୍ତି ମିଶ୍ର ସହଯୋଗ କରିଥିଲେ। ଏହି ସଭାରେ କବି ସୂର୍ଯ୍ୟ ମିଶ୍ର, ପ୍ର. ବସନ୍ତ ପଣ୍ଡା, ସୂର୍ଯ୍ୟମଣି ତ୍ରିପାଠୀ, ଲଲାଟେନ୍ଦୁ ଦାସ ମହାପାତ୍ର, ଲକ୍ଷ୍ମୀନାରାୟଣ ମହାନ୍ତି, ଅଶୋକ ସିଂହ, ଆଭାସ ବରାଳ, ରକ୍ଷକ ନାୟକ, ଡ. ରଶ୍ମିଦାସ, ଜୋସ୍ନା ତ୍ରିପାଠୀ ଇତ୍ୟାଦି ବହୁ ସାହିତ୍ୟିକ ଓ ବୁଦ୍ଧିଜିବୀ ଯୋଗଦାନ କରିଥିଲେ । ଶେଷରେ ଅନୁଷ୍ଠାନର ଉପ ସଭାପତି ରାଜ କୁମାର ସୁତାର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୫,୦୦୦ କୋଟିର...

ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି । ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ, ଶିଳ୍ପପତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ, ଆମେ ସବୁ ସମୟରେ ଉପସ୍ଥିତ ଅଛୁ । ଯେକୌଣସି ଅସୁବିଧାରେ ଶିଳ୍ପପତି ମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ଆମ ସରକାର ପ୍ରସ୍ତୁତ ଅଛନ୍ତି। 'ଏକ୍ ପେଡ ମା କି ନାମ୍ ୨.୦' ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସମସ୍ତ ଉଦ୍ୟୋଗୀ ତଥା ଶିକ୍ଷାନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ । ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ। ଆଗାମୀ ୧୭ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନ ହେବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ, ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ, ଓଡ଼ିଶାବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗେଇବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି ଅଭିଯାନରେ ଶିଳ୍ପସଂସ୍ଥା ମାନଙ୍କୁ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳ ଠାରେ ଆଭାସୀ ମାଧ୍ୟମରେ ସେ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁଥିବା ଶିଳ୍ପପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢିତୋଳିବା ପାଇଁ ସକ୍ଷମ ହୋଇଛି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ବିଶ୍ୱାସ ଆଜି ଆମ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଯାହାର ଇଚ୍ଛା ଓ ଦୃଢ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି ଯେ କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରଷାରେ ରାଜ୍ୟ ସରକାର ଆଜି ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତି ମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ନୂଆପଡ଼ା ଉପ-ନିର୍ବାଚନ...

ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା ।

## ସୁଭଦ୍ରା ଅଭିଯୋଗ ...

ସମାଧାନ ମଡ୍ୟୁଲ୍"ର ଶୁଭାରମ୍ଭ ହୋଇଯାଇଛି । ଏହି ମଡ୍ୟୁଲ୍ ମାଧ୍ୟମରେ ସୁଭଦ୍ରା ଆବେଦନକାରୀମାନଙ୍କ ଅଭିଯୋଗ ଯଥା – ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା – ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସୁଭଦ୍ରା ପୋର୍ଟାଲରେ ଅନଲାଇନ ମାଧ୍ୟମରେ କିମ୍ବା ବିଭିନ୍ନ ସରକାରୀ ସ୍ତରରେ ଅଫଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍ ସ୍ତରୀୟ ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ପାଖରେ ଦାଖଲ କରାଯିବ । ଆବଶ୍ୟକ ପଡିଲେ, କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ । କମିଟି ରିପୋର୍ଟ ଅବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାର କରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ । ଏହା ପରେ କମିଟି, ଯାଞ୍ଚ ରିପୋର୍ଟ ସହ ଜିଲ୍ଲା ସ୍ତରୀୟ ଯାଞ୍ଚ କମିଟି କିମ୍ବା ନଗର ନିଗମ ସ୍ତରୀୟ ଯାଞ୍ଚ କମିଟି ପାଖକୁ ପଠାଇବେ। ଜିଲ୍ଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ । ହିତାଧିକାରୀମାନେ ସୁଭଦ୍ରା ୱେବ ପୋର୍ଟାଲରେ ସେମାନଙ୍କର ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ସୁଦ୍ଧା, ସୁଭଦ୍ରା ଯୋଜନାରେ ୧,୦୯,୮୭,୮୯୪ ଆବେଦନ ପଞ୍ଜୀକୃତ ହୋଇଛି ଏବଂ କୋଟିଏରୁ ଅଧିକ ମହିଳା ଏହି ଯୋଜନା ମାଧ୍ୟମରେ ଲାଭାନ୍ୱିତ ହୋଇସାରିଛନ୍ତି। ଏଯାବତ ସୁଭଦ୍ରା ପୋର୍ଟାଲରେ ୨,୮୩,୨୬୪ ଅଭିଯୋଗ ବିଚାରାଧୀନ ଅଛି, ଯାହାର ସମାଧାନ ଅଭିଯୋଗ ସମାଧାନ ମଡ୍ୟୁଲ୍ ମାଧ୍ୟମରେ ସମ୍ପନ୍ନ ହେବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ ଓ ବିଶିଷ୍ଟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ ପାଇଁ ...

ସହିତ ଆଭ୍ୟନ୍ତରୀଣ ମୂଲ୍ୟାୟନକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ନିୟମିତ ଉପସ୍ଥିତ ନହେଉଥିବା ଛାତ୍ରଛାତ୍ରୀଙ୍କର ଆଭ୍ୟନ୍ତରୀଣ ମୂଲ୍ୟାୟନ କରାଯିବ ନାହିଁ ଏବଂ ସେମାନେ 'ଏସେନ୍ସିଆଲ ରିପିଟ୍' ଶ୍ରେଣୀରେ ରହିବେ, ଯଦିଓ ସେମାନେ ନିୟମିତ ଛାତ୍ର ଭାବେ ନାମ ଲେଖାଇଥାନ୍ତି। ଅତିରିକ୍ତ ବିଷୟ ସଂପର୍କରେ ସିବିଏସ୍‌ଇ କହିଛି, ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପାଞ୍ଚଟି ବାଧ୍ୟତାମୂଳକ ବିଷୟ ବ୍ୟତୀତ ଦୁଇଟି ଅତିରିକ୍ତ ବିଷୟ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଗୋଟିଏ ଅତିରିକ୍ତ ବିଷୟ ନେଇପାରିବେ। ଏହି ବିଷୟଗୁଡ଼ିକ ମଧ୍ୟ ଦୁଇ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହେବ। ସ୍କୁଲଗୁଡ଼ିକୁ କୌଣସି ବିଷୟ ପଢ଼ାଇବା ପାଇଁ ସିବିଏସ୍‌ଇର ପୂର୍ବ ଅନୁମୋଦନ ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ଆବଶ୍ୟକ। ଅନୁମୋଦନ ବିନା କିମ୍ବା ସୁବିଧା ନଥିବା ସ୍କୁଲର ଛାତ୍ରଛାତ୍ରୀ ଏପରି ବିଷୟ ନେଇପାରିବେ ନାହିଁ। 'କମ୍ପାର୍ଟମେଣ୍ଟ' କିମ୍ବା 'ଏସେନ୍ସିଆଲ ରିପିଟ୍' ଶ୍ରେଣୀରେ ଥିବା ଛାତ୍ରଛାତ୍ରୀ ନିର୍ଦ୍ଦିଷ୍ଟ ସର୍ତ୍ତରେ ବ୍ୟକ୍ତିଗତ ପରୀକ୍ଷାର୍ଥୀ ଭାବେ ପୁନଃ ପରୀକ୍ଷା ଦେଇପାରିବେ। ସିବିଏସ୍‌ଇ ସ୍ପଷ୍ଟ କରିଛି ଯେ ଏହି ମାନଦଣ୍ଡ ପୂରଣ ନକରୁଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ବିଷୟରେ ବ୍ୟକ୍ତିଗତ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ଏହି ଘୋଷଣା ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲମାନଙ୍କୁ ସିବିଏସ୍‌ଇ ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

## ସଚ୍ଚୋଟତାକୁ ...

ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ , ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ଦ୍ୱିତୀୟ ବର୍ଷ ପ୍ରାରମ୍ଭର ଏହା ହେଉଛି ଦ୍ୱିତୀୟ ନିଯୁକ୍ତି ମେଳା। ମୁଖ୍ୟମନ୍ତ୍ରୀ ଉପସ୍ଥିତ ନବ ନିଯୁକ୍ତକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆପଣ ମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା। ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ, ସଚ୍ଚୋଟତାକୁ ୱାର୍କ କଲଚରର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ। ଅସୀମିତ ଆତ୍ମସନ୍ତୋଷ ପାଇବେ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠାରୁ ବଡ ପୁଞ୍ଜି। ସେ ପୁଣି କହିଥିଲେ, ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଆଜିକୁ ମିଶାଇ ସମୁଦାୟ ୩୦,୦୩୨ ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ମେରିଟ୍ ବେସିସ୍‌ରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରାଜ୍ୟରେ ଯୁବ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତକରି କହିଥିଲେ ଯେ, ଆମ ସରକାରରେ ଯେତେବି ପରୀକ୍ଷା ହେଉଛି କୌଣସି ଠାରେ ଦୁର୍ନୀତି ବା ଅନିୟମିତତାର ଅଭିଯୋଗ ଆସିନାହିଁ। ଯେତେବେଳେ ବି ସାମାନ୍ୟତମ ସୁରାକ ଆସୁଛି, ତା ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମ ସରକାରର ଲକ୍ଷ୍ୟ ହେଉଛି, ସବୁ ପରୀକ୍ଷାର୍ଥୀଙ୍କୁ ଲେଭଲ ପ୍ଲେଇଂ ଫିଲ୍ଡ ପ୍ରଦାନ କରିବା, ଯାହା ଦ୍ୱାରା କେବଳ ଯୋଗ୍ୟ ପ୍ରାର୍ଥୀ ହିଁ ସଫଳତା ପାଇବେ। ସେ ନବନିଯୁକ୍ତଙ୍କୁ ଆହୁରି କହିଥିଲେ, ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବା ଓ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରନ୍ତୁ, ସରକାରୀ ସ୍ତରରେ ଆପଣଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟ ଜନମଙ୍ଗଳ ଉପରେ ଯେପରି ଆଧାରିତ ହେବ ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ୩୦ ଜଣ ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନବନିଯୁକ୍ତଙ୍କ ମଧ୍ୟରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୋଗଦେଇଥିବା ସମ୍ବଲପୁରର ଶିବାନୀ ଷଡଙ୍ଗୀ ଓ ଅର୍ଥ ବିଭାଗରେ ଯୋଗଦେଇଥିବା କଟକ ଜିଲ୍ଲାର ବିଶ୍ୱଜିତ୍ ପ୍ରଧାନ ତାଙ୍କ ଅନୁଭୂତି ଓ ଅଭିଜ୍ଞତାରେ ସରକାରଙ୍କ ସ୍ୱଚ୍ଛ ଓ ନିରପେକ୍ଷ ଚୟନ ପଦ୍ଧତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବ ନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ପାଂଚ ବର୍ଷ ଭିତରେ ଆମେ ଖାଲି ଥିବା ସମସ୍ତ ପଦବୀ ପୂରଣ କରିବୁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ଇଲୋକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ଗୁଡିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବଦାସ ଛୋଟରାୟ ...

ଏକ ବର୍ଣ୍ଣାଢ୍ୟ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ସାତଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତି ମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'। ପ୍ରାଥମିକ ପୁସ୍ତକଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପି ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇଙ୍ଫା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଂଗୀତଗୁରୁ ରାମହରି ଦାସଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ପଚାଶ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ପ୍ରଦାନ କରାଯାଇଆସୁଥିବା ଶାରଳା ପୁରସ୍କାର ୪୫ ବର୍ଷ ଧରି ଏହାର ଅଭିଯାତ୍ରା ଜାରି ରଖିଛି। ପରବର୍ତ୍ତୀ ସମୟରେ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏହି ଗୌରବମୟ ପରମ୍ପରାରେ ସାମିଲ ହୋଇଛି। ଇଙ୍ଫାକ୍ଟର ଅନ୍ୟଏକ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ରହିଛି 'ଏକଲବ୍ୟ ପୁରସ୍କାର', ଯାହାକି ପ୍ରତିବର୍ଷ ଓଡ଼ିଶାର ଯୁବ କ୍ରୀଡ଼ାବିତମାନଙ୍କୁ ସେମାନଙ୍କ ଉତ୍କର୍ଷ କ୍ରୀଡା ପାଇଁ ପ୍ରଦାନ କରାଯାଇଆସୁଅଛି।

## ଭାରତ ସହ ...

ଯେଉଁ ସବୁ ଉଦ୍ୟମ କରିଥିଲେ ତାହା ପଣ୍ଡ ହୋଇଯିବାରୁ ଏବେ ବୁଦ୍ଧି ଶିଖିଛନ୍ତି ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ଦୁଇ ଦେଶ ମଧ୍ୟରେ ନଷ୍ଟ ହୋଇଥିବା ସମ୍ପର୍କକୁ କିପରି ସୁଧାରି ହେବ ସେ ଦିଗରେ ଟ୍ରମ୍ପ ପଦକ୍ଷେପ ନେଉଛନ୍ତି। ନିକଟରେ ଟ୍ରମ୍ପ ମୋଦୀଙ୍କୁ ତାଙ୍କର ପ୍ରିୟ ବନ୍ଧୁ ବୋଲି କହିଥିଲେ। ମୋଦୀ ବି ଅନେକ ଦିନ ପରେ ଟ୍ରମ୍ପଙ୍କ ମନ୍ତବ୍ୟର ଉତ୍ତର ଦେଇଥିଲେ। ଏହା ପରେ ଟ୍ରମ୍ପ ବାଣିଜ୍ୟିକ ରାଜିନାମା ପାଇଁ ଏକ ଟିମ୍ ଭାରତକୁ ପଠାଇଛନ୍ତି। ଭାରତ ସହିତ ସମ୍ପର୍କ ସୁଧାରିବାକୁ ଟ୍ରମ୍ପଙ୍କ ବ୍ୟାକୁଳତା ଏଥିରୁ ସ୍ପଷ୍ଟ ବାରି ହୋଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆଦିତ୍ୟ ଆଲୁମିନିୟମ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କାରଖାନା କାର୍ଯ୍ୟକ୍ଷମ ଯୋଗୁଁ ପରିବେଶ ପ୍ରତି ଏହାର କୁପ୍ରଭାବ ବୃଦ୍ଧି ହେଉଛି । ତେଣୁ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ରୂପେ ହ୍ରାସ ଓ ଏହାର ନିୟନ୍ତ୍ରଣ ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିବାରୁ ଆଦିତ୍ୟ ଆଲୁମିନିୟମ ସମ୍ମାନିତ ହୋଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୨ ତମ ପ୍ରତିଷ୍ଠା ଦିବସ ସମାରୋହରେ ଆଦିତ୍ୟ ଆଲୁମିନିୟମକୁ ସର୍ବୋତ୍କୃଷ୍ଟ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମ୍ପତି ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟ ସଚିବ ତଥା ଏସପିସି ବୋର୍ଡ ସଭପତି ମନୋଜ ଆହୁଜା, ଏସିସ୍, ଏଫ୍‌ଇଓ ସିସି ବିଭାଗ ମୁଖ୍ୟ ସତ୍ୟବ୍ରତ ସାହୁ, ପିସିସିଏଫ୍ ମୁଖ୍ୟ ସୁରେଶ ପନ୍ଥ, ଆଇଏଫ୍‌ଏସ୍ ସଦସ୍ୟ ସଚିବ, ଓଏସପିସିବି ଉମା ନନ୍ଦୁରୀ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ଉପଦେଷ୍ଟା ବିଭୁ ମିଶ୍ର, କର୍ପୋରେଟ ଅଫେୟାର ଏଭିପି ସୌଭାଗ୍ୟ ତ୍ରିପାଠୀ, ପରିବେଶ ବିଭାଗ ସାଧାରଣ ପରିଚାଳକ (ଜିଏମ) ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ତଟ ରେଳପଥର ହିନ୍ଦୀ ପଖୱାଡା ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ପୂର୍ବତଟ ରେଳପଥ ୧୪ରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ହିନ୍ଦୀ ପଖୱାଡା – ୨୦୨୫ ପାଳନ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ କରିଛି। ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ସରକାରୀ ଭାଷା ଭାବରେ ଏହାର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଏହି ଦୁଇପାକ୍ଷିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ସେ ପ୍ରଶାସନିକ ଦକ୍ଷତାକୁ ସୁଦୃଢ଼ କରିବା ଏବଂ ସମାଜର ବୃହତ ବର୍ଗ ସହିତ ସଂଯୋଗ ସ୍ଥାପନ କରିବାରେ ହିନ୍ଦୀର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କର୍ମଚାରୀମାନଙ୍କୁ ସରକାରୀ ପତ୍ରବିନିମୟ ଏବଂ ଦୈନନ୍ଦିନ ଯୋଗାଯୋଗରେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ସେ ଏହି ସତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ଆଜିର ବିଶ୍ୱରେ, ବିଭିନ୍ନ ଏଆଇ ଉପକରଣ ସାହାଯ୍ୟରେ, ଆମେ ଦୈନନ୍ଦିନ ଅଫିସ କାର୍ଯ୍ୟରେ ହିନ୍ଦୀକୁ ବହୁତ ସହଜରେ ବ୍ୟବହାର କରିପାରିବା। ଆମେ ସମସ୍ତ ସରକାରୀ କାର୍ଯ୍ୟରେ ସେମାନଙ୍କର ଲିପିବଦ୍ଧ ରୂପରେ ବୈଷୟିକ ଇଂରାଜୀ ଶବ୍ଦଗୁଡ଼ିକୁ ମଧ୍ୟ ବ୍ୟବହାର କରିପାରିବା। ପଖୱାଡା ସମୟରେ ହିନ୍ଦୀ ବନାନ ସଂଶୋଧନ, ହିନ୍ଦୀ ଶବ୍ଦର ଫ୍ରେମିଂ, ହିନ୍ଦୀ ସ୍ଲୋଗାନ/ସନ୍ଦେଶ ଲେଖା, ହିନ୍ଦୀ କାହାଣୀ/କବିତା/ସଂଳାପ କହିବା, ଅନୁଚ୍ଛେଦ ବିଶ୍ଳେଷଣ, କୁଇଜ୍ ପ୍ରତିଯୋଗିତା, ବୈଷୟିକ ସେମିନାର ଏବଂ କବି ସମ୍ମିଳନୀ ଭଳି ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକଳାପ ଆୟୋଜନ କରାଯିବ। ଏହି କାର୍ଯ୍ୟକଳାପଗୁଡ଼ିକର ଲକ୍ଷ୍ୟ କର୍ମଚାରୀମାନଙ୍କୁ ସେମାନଙ୍କର ସରକାରୀ କାର୍ଯ୍ୟରେ ହିନ୍ଦୀକୁ ଅଧିକ ପ୍ରଭାବଶାଳୀ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା। ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ଭାରତୀୟ ରେଳବାଇ ଦ୍ୱାରା ହିନ୍ଦୀ ପଖୱାଡା ପାଳନ କରାଯାଏ।

# ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାରେ ଅସ୍ଥାୟୀ ପରିବର୍ତ୍ତନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାଜପୁର କେନ୍ଦୁଝର ରୋଡ୍ - ଭଦ୍ରକ ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୬ ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଟ୍ରେନ ସେବାରେ ପରିବର୍ତ୍ତନ କରାଯାଇଛି। ୬୮୪୪୨/୬୮୪୪୧ ପୁରୀ - ଜଳେଶ୍ୱର - ପୁରୀ ମେମୁ ସୋମବାର, ଗୁରୁବାର, ଶୁକ୍ରବାର ଏବଂ ରବିବାର (୧୬ ରୁ ୨୨ ସେପ୍ଟେମ୍ବର) ମଧ୍ୟରେ ବାତିଲ୍ ରହିବ। ଏହା ୧୬ ରୁ ୨୨ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହେବ: ଟ୍ରେନ ନମ୍ବର ୬୮୪୨୪ କଟକ - ଭଦ୍ରକ ମେମୁ ମଙ୍ଗଳବାର ଏବଂ ଶନିବାର ଦିନ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍‌ରେ ସଂକ୍ଷିପ୍ତ ଅବଧି ଦିଆଯିବ। ଟ୍ରେନ ନମ୍ବର ୬୮୪୨୩ ଭଦ୍ରକ - କଟକ ମେମୁ ମଙ୍ଗଳବାର ଏବଂ ଶନିବାର ଦିନ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ ଓ କଟକ ମଧ୍ୟରେ ଚଳାଚଳ କରିବ । ଟ୍ରେନ ନମ୍ବର ୬୮୪୩୮ କଟକ - ଭଦ୍ରକ ମେମୁ ଗୁରୁବାର ଏବଂ ରବିବାର ଦିନ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ରେ ସଂକ୍ଷିପ୍ତ ଅବଧି ଦିଆଯିବ। ଟ୍ରେନ ନମ୍ବର ୬୮୪୩୭ ଭଦ୍ରକ - କଟକ ମେମୁ ଗୁରୁବାର ଏବଂ ରବିବାର ଦିନ ଭଦ୍ରକ ପରିବର୍ତ୍ତେ ଯାଜପୁର କେଉଁଝର ରୋଡ ଓ କଟକ ମଧ୍ୟରେ ଚଳାଚଳ କରିବ। ସେହିପରି ୧୬ ରୁ ୨୨ ସେପ୍ଟେମ୍ବର ମଧ୍ୟରେ ଟ୍ରେନ ନମ୍ବର ୧୨୭୦୩ ହାଓଡ଼ା - ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ ମଙ୍ଗଳବାର ଏବଂ ଶନିବାର ଦିନ ନିର୍ଦ୍ଧାରିତ ସମୟ ଠାରୁ ୧ ଘଂଟା ୩୦ ମିନିଟ୍ ବିଳମ୍ବରେ ଛାଡିବା ପାଇଁ ପୁନଃନିର୍ଦ୍ଧାରଣ କରାଯାଇଛି। ଟ୍ରେନ ନମ୍ବର ୧୨୮୪୦ ଚେନ୍ନାଇ - ହାଓଡ଼ା ଏକ୍ସପ୍ରେସ ବୁଧବାର ଏବଂ ଶନିବାର ଦିନ ନିର୍ଦ୍ଧାରିତ ସମୟ ଠାରୁ ୨ ଘଂଟା ବିଳମ୍ବରେ ଛାଡିବା ପାଇଁ ପୁନଃନିର୍ଦ୍ଧାରଣ କରାଯାଇଛି। ଟ୍ରେନ ନମ୍ବର ୧୮୪୧୯ ପୁରୀ - ଜୟନଗର ଏକ୍ସପ୍ରେସ ଗୁରୁବାର ଦିନ ନିର୍ଦ୍ଧାରିତ ସମୟ ଠାରୁ ୧ ଘଣ୍ଟା ବିଳମ୍ବରେ ଛାଡିବା ପାଇଁ ପୁନଃନିର୍ଦ୍ଧାରଣ କରାଯାଇଛି। ଟ୍ରେନ ନମ୍ବର ୧୨୮୧୯ ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ରବିବାର ଦିନ ନିର୍ଦ୍ଧାରିତ ସମୟ ଠାରୁ ୧ ଘଣ୍ଟା ବିଳମ୍ବରେ ଛାଡିବା ପାଇଁ ପୁନଃନିର୍ଦ୍ଧାରଣ କରାଯାଇଛି। ଟ୍ରେନ ନମ୍ବର ୨୨୮୯୬ ପୁରୀ – ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ରବିବାର ଦିନ ନିର୍ଦ୍ଧାରିତ ସମୟ ଠାରୁ ୨ ଘଣ୍ଟା ବିଳମ୍ବରେ ଛାଡିବା ପାଇଁ ପୁନଃନିର୍ଦ୍ଧାରିତ ହୋଇଛି।

# ସ୍ୱର୍ଗଦ୍ୱାରରେ ସତ୍କାର ପାଇଁ ଆସିଥିବା ଶବ ବଞ୍ଚିଲା

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ସତ୍କାର ପାଇଁ ଆସିଥିବା ଜଣେ ମହିଳାଙ୍କ ଶବ ବଞ୍ଚିଥିବା ଜଣାପଡ଼ିବା ପରେ ଏହାକୁ ଚାଞ୍ଚଲ୍ୟ ଖେଳିଯାଇଛି। ତୁରନ୍ତ ଉକ୍ତ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନା ଅନୁସାରେ, ମହିଳାଙ୍କ ନାମ ହେଉଛି ପି. ଲକ୍ଷ୍ମୀ ଏବଂ ତାଙ୍କ ବୟସ ୮୬ ବର୍ଷ। ମହିଳାଙ୍କ ଘର ଗଞ୍ଜାମ ଜିଲା ପୋଲସରା ଅଞ୍ଚଳରେ। ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିବା ଜାଣି ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ୱର୍ଗଦ୍ୱାରକୁ ସତ୍କାର ପାଇଁ ଆଣିଥିଲେ। ସ୍ୱର୍ଗଦ୍ୱାରରେ ମୃତଦେହ ପହଞ୍ଚିବା ପରେ ସତ୍କାର ପାଇଁ ରହିଥିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱର୍ଗଦ୍ୱାର କର୍ମଚାରୀ ଲକ୍ଷ୍ମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପରିବାର ଲୋକଙ୍କୁ ମାଗିଥିଲେ। ମାତ୍ର ସେମାନେ ତାହା ଦେଇପାରି ନ ଥିଲେ। ଫଳରେ କର୍ମଚାରୀ ମୃତଦେହ ନିକଟକୁ ଆସି ଯାଞ୍ଚ କରିବାରୁ ତାଙ୍କର ହୃଦସ୍ପନ୍ଦନ ଚାଲୁଥିବା ଜଣାପଡ଼ିଥିଲା। ତେଣୁ ସେମାନେ ତୁରନ୍ତ ଆମ୍ବୁଲାନ୍ସକୁ ଡାକି ଡାକ୍ତରଖାନା ପଠାଇଥିଲେ। ଏ ସମ୍ପର୍କରେ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

सत्यमेव जयते
MINISTRY OF
SOCIAL JUSTICE & EMPOWERMENT
GOVERNMENT OF INDIA

## ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ଅନୁସୂଚିତ ଜାତି, ଅଣବିଜ୍ଞପ୍ତିପ୍ରାପ୍ତ ଯାଯାବର ଏବଂ ଅର୍ଦ୍ଧ-ଯାଯାବର ଜନଜାତି, ଭୂମିହୀନ କୃଷି ଶ୍ରମିକ ଏବଂ ପାରମ୍ପରିକ କାରିଗର ବର୍ଗର ନିମ୍ନ ଆୟକାରୀ ଛାତ୍ରଛାତ୍ରୀଙ୍କ ନିମିତ୍ତ ରାଷ୍ଟ୍ରୀୟ ସମୁଦ୍ରପାରୀ ଛାତ୍ରବୃତ୍ତି ଯୋଜନା ଅଧୀନରେ ବିଦେଶରେ ମାଷ୍ଟର୍ସ ଏବଂ ପିଏଚଡି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଚୟନ ବର୍ଷ ୨୦୨୫-୨୬ ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରିବା ପାଇଁ ଏନ୍‌ଓଏସ୍ ପୋର୍ଟାଲ ଖୋଲିବ।

ଆବେଦନ ଆମନ୍ତ୍ରଣ କରିବା ପାଇଁ ଉକ୍ତ ପୋର୍ଟାଲ୍ ୧୫-୦୯-୨୦୨୫ରୁ ୨୪-୧୦-୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ତା'ପରେ କେବଳ ଆବେଦନ ସଂଶୋଧନ ପାଇଁ ପୋର୍ଟାଲ୍‌କୁ ୨୬-୧୦-୨୦୨୫ରୁ ୨୯-୧୦-୨୦୨୫ ପର୍ଯ୍ୟନ୍ତ ପୁନଃ ଖୋଲାଯିବ।

ଫର୍ମ ପୂରଣ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପୋର୍ଟାଲରେ ଉପଲବ୍ଧ। ପ୍ରାର୍ଥୀମାନଙ୍କୁ ଫର୍ମ ପୂରଣ କରିବା ପୂର୍ବରୁ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସେମାନଙ୍କର ଯୋଗ୍ୟତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।
ପୋର୍ଟାଲର ଲିଙ୍କ୍ ହେଉଛି www.nosmsje.gov.in

ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।
CBC-38101/11/0020/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
O-790
Office Order No. 4139 / Date 15.09.2025

The tender for the works invited vide this office N.I.T. No.Tender-Online-C.C.12 of 2025 Dt- 02.05.2025 issued vide this office Lr.No.2270 Dt-02.05.2025 is hereby cancelled due to some technical issues.

Sd/- Chief Construction Engineer
Central Rural Works Circle, Bhubaneswar
OIPR-25082/11/0011/2526

OFFICE OF THE NOTIFIED AREA COUNCIL, DHARMAGARH
DIST-KALAHANDI, PIN-766015
'e'-Procurement NOTICE.
Bid Identification No. DHM / 02 / 2025-26
C-1075

The Executive Officer on behalf of DhannagarhNAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : 11 (Eleven) numbers
2. Estimated Costs : 1.35 Lakh to 16.52 Lakh
3. Period of completion : As per NIT
4. Date and time of availability of the bid documents in the portal : From 03.00 P.M. of 13.09.2025 to 05.00 PM of 24.09.2025
5. Last Date/ Time for receipt of bids in the portal : 05.00 PM of 24.09.2025
6. Bids will be opened on : 11.00 AM of Dt. 25.09.2025
7. Name and address of the officer inviting bid : Executive Officer, Dharmagarh NAC

Sd/- Executive Officer
Dharmagarh NAC
OIPR-13163/11/0015/2526

ଭୁବନେଶ୍ୱର
୧୬ ସେପ୍ଟେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମା’ ସମଲେଶ୍ୱରୀ ମନ୍ଦିରକୁ ପଦ୍ମପୁରରୁ ଆସିବ ସ୍ୱତନ୍ତ୍ର ଚାଉଳ : ଜୈବିକ ପଦ୍ଧତିରେ ହେବ ଚାଷ

**ସମ୍ବଲପୁର, ୧୫/୯**
**ନ୍ୟୁଜ ବ୍ୟୁରୋ**

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ସମଲେଶ୍ୱରୀଙ୍କ ନିକଟକୁ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରୁ ଆସିବ ଚାଉଳ। ଆସନ୍ତା ଜାନୁଆରୀ ମାସରୁ ସମଲେଶ୍ୱରୀଙ୍କ ମନ୍ଦିରକୁ ଆସିବ ସ୍ୱତନ୍ତ୍ର ଚାଉଳ। ତେବେ ମା’ଙ୍କ ପାଇଁ ଆସିବାକୁ ଥିବା ଏହି ସ୍ୱତନ୍ତ୍ର ଧାନ ପାଇଁ ସ୍ୱତନ୍ତ୍ର ଭାବେ ଜୈବିକ ପଦ୍ଧତିରେ ଚାଷ କରାଯିବ। ଏଥିପାଇଁ ସୋମବାର ପଦ୍ମପୁର ଅଞ୍ଚଳର ଚାଷୀମାନେ ମା’ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟକୁ ଆସି ସଭାପତିଙ୍କ ସହ ଆଲୋଚନା କରିଛନ୍ତି। ସୂଚନାନୁଯାୟୀ, ସମଲେଶ୍ୱରୀ ମନ୍ଦିରରେ ପ୍ରତିଦିନ ୫ କେଜି ଚାଉଳର ଅନ୍ନ ଭୋଗ ଲାଗିଥାଏ।



ଏହାକୁ ଭକ୍ତମାନେ ପ୍ରସାଦ ରୂପରେ ଗ୍ରହଣ କରନ୍ତି। ଏଥିପାଇଁ ମା’ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ଚାଷୀମାନଙ୍କୁ ଯୋଗାଯୋଗ କରି ଚାଉଳ ପଠାଇବାକୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧକୁ ରକ୍ଷା କରି ପଦ୍ମପୁର ଅଞ୍ଚଳର ଚାଷୀମାନେ ମା’ଙ୍କ ନିକଟକୁ ଚାଉଳ ପଠାଇବା ପାଇଁ ରାଜି ହୋଇଛନ୍ତି। ଏଥିପାଇଁ ସୋମବାର ପଦ୍ମପୁର ଅଞ୍ଚଳର ଚାଷୀମାନେ ମା’ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟକୁ ଆସି ସଭାପତିଙ୍କ ସହ ଆଲୋଚନା କରିଛନ୍ତି । ଏହି ଧାନ ପାଇଁ ସ୍ୱତନ୍ତ୍ର ଭାବେ ଜୈବିକ ପଦ୍ଧତିରେ ଚାଷ କରାଯିବ। ଭକ୍ତମାନେ ଅନ୍ନ ଗ୍ରହଣ ପରେ ଏକ ଦିବ୍ୟ ଅନୁଭୂତି ପାଇବେ ବୋଲି ଚାଷୀମାନେ କହିଛନ୍ତି।

# ମାଆଙ୍କ ଷୋଡଶ ପୂଜାର ଦ୍ୱିତୀୟ ଦିନ : ସୁନା ବେଶରେ ମା’ କଟକ ଚଣ୍ଡୀ

**କଟକ, ୧୫/୯ ନ୍ୟୁଜ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜାରେ ରାଜ୍ୟର ବିଭିନ୍ନ ଶକ୍ତିପୀଠ ଗୁଡିକରେ ଆରମ୍ଭ ହୋଇଛି ଷୋଡଶ ଦିନାତ୍ମକ ପୂଜା । ସୋମବାର ଦ୍ୱିତୀୟ ଦିନରେ କଟକର ଅଧିଷ୍ଠାତ୍ରୀ ଦେବୀ ମା’କଟକ ଚଣ୍ଡୀ ଓ ଗଡଚଣ୍ଡୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଛି । କୁମ୍ଭାଭିଷେକ, ଘଟ ସ୍ଥାପନ କରାଯାଇ ମା’ଙ୍କୁ ଆବାହନ କରାଯାଇଛି । ନଦୀରୁ ଜଳ କଳସ ଆଣି ମା’ଙ୍କ ପୀଠରେ ସ୍ଥାପନା କରାଯାଇଛି । ମୂଳାଷ୍ଟମୀ ବା ଦେବୀ ଉତ୍ଥାପନରେ ଆରମ୍ଭ ହୋଇଛି ଷୋଡଶ ଉପଚାର ପୂଜା । ସୋମବାର ଠାରୁ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ ସହିତ ବିଜୟା



ଦଶମୀ ପର୍ଯ୍ୟନ୍ତ ଉଭୟ ଶକ୍ତି ପୀଠରେ ୧୬ଦିନ ଧରି ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ ମା’କଟକ ଚଣ୍ଡୀ ଓ ଗଡଚଣ୍ଡୀ । ମା’ଙ୍କ ସୁନା ବେଶକୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି ।

### ଓଡ଼ିଶାରେ କାର୍ଯ୍ୟକାରୀ ହୋଇନି ଇଚ୍ଛାମୃତ୍ୟୁ

# ସ୍ୱାସ୍ଥ୍ୟ ବିଭାଗ, ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୫/୯**

ଇଚ୍ଛାମୃତ୍ୟୁ ପ୍ରସଂଗକୁ ନେଇ ଦାଏର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏହି ପ୍ରସଂଗରେ ସୁପ୍ରିମକୋର୍ଟ ୨୦୨୩, ଜାନୁଆରୀ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ରାଜ୍ୟରେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନଥିବା ଦର୍ଶାଇ ବିଶିଷ୍ଟ ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମା ଦାଏର କରିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରତିପକ୍ଷଙ୍କ ନିକଟରୁ ଜବାବ ତଲବ କରିଛନ୍ତି। ସେପ୍ଟେମ୍ବର ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଜଣେ ବ୍ୟକ୍ତିଙ୍କର ସମ୍ମାନର ସହିତ ବଞ୍ଚିବା



ତଥା ସମ୍ମାନର ସହିତ ମୃତ୍ୟୁର ଅଧିକାର ରହିଛି। ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ ତେବେ ସେ ସମ୍ମାନର ସହ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ଆଇନଗତ ବ୍ୟବସ୍ଥା ହେବା ଉଚିତ୍। ଭାରତରେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ନଥିବା ବେଳେ ପଞ୍ଜୀକୃତ ସୋସାଇଟି କମନ୍ କଜ୍ ପକ୍ଷରୁ ଏହି ପ୍ରସଂଗ ନେଇ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଥିଲା। ୨୦୨୩ରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ରାୟର ନକଲ ଦେଶର ସବୁ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ପ୍ରଦାନ କରିବା ପାଇଁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ ଭାବେ ରାଇଟ ଟୁ ଡାଏ ୱିଥ ଡିଗନିଟି ବା ସମ୍ମାନର ସହ ଇଚ୍ଛାମୃତ୍ୟୁ ଅଧିକାର ଲାଗୁ କରିଥିଲା। କିନ୍ତୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନାହିଁ। ଆବେଦନକାରୀ ଏହି ପ୍ରସଂଗ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରିଥିଲେ ମଧ କିଛି ସୁଫଳ ମିଳି ପାରି ନଥିଲା। ଏହାପରେ ହାଇକୋର୍ଟରେ ଆବେଦନକାରୀ ଏହି ପ୍ରସଂଗ ନେଇ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଲିଭିଙ୍ଗ୍ ୱିଲ ଓ ଆଡଭାନ୍ସ ଡିରେକ୍ଟିଭ୍ ବ୍ୟବସ୍ଥା ନେଇ ରାଜ୍ୟ ସରକାର ନିୟମ ଆଣିବା ଉଚିତ। ଲିଭିଙ୍ଗ୍ ୱିଲ ଓ ଆଡଭାନ୍ସ ଡିରେକ୍ଟିଭ୍ ଏକ ଇଚ୍ଛାପତ୍ର ଭଳି ଯାହା ସଂପୃକ୍ତ ବ୍ୟକ୍ତିଙ୍କ ଜୀବଦ୍ଦଶା ଭିତରେ କାର୍ଯ୍ୟକାରୀ ହୋଇଥାଏ। ହିନ୍ଦୁ ଉତ୍ତରାଧିକାରୀ ଆଇନ ଭଳି ମୃତ୍ୟୁ ପରେ ଇଚ୍ଛାପତ୍ର କାର୍ଯ୍ୟକାରୀ ନ ହୋଇ ଏପରି ଇଚ୍ଛାପତ୍ର ଜୀବଦ୍ଦଶା ଭିତରେ କାର୍ଯ୍ୟକାରୀ ହୋଇଥାଏ। ଦୁରାରୋଗ୍ୟ ରୋଗରେ ପୀଡିତ ରୋଗୀ ଆଉ ବଞ୍ଚିବାକୁ ଯଦି ନ ଚାହିଁବେ, ତେବେ ତାଙ୍କ ଇଚ୍ଛାକୁ ସମ୍ମାନ କରାଯିବା ଉଚିତ। ସଂପୃକ୍ତ ବ୍ୟକ୍ତିଙ୍କ ଇଚ୍ଛା ଅନୁସାରେ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ କରାଯାଇ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇ ପାରିବ। ବହୁ ସମୟରେ ଦୁରାରୋଗ୍ୟ ରୋଗରେ ପୀଡ଼ିତ ରୋଗୀଙ୍କୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ଶୋଷଣ କରୁଥିବା ଘଟଣା ଦେଖିବାକୁ ମିଳୁଥିବା ବେଳେ ଯଦି ସରକାର ନୂଆ ନିୟମାବଳୀ ଆଣନ୍ତି ତେବେ ଏପରି ଘଟଣା ଉପରେ ଅଙ୍କୁଶ ଲାଗି ପାରିବ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ପୁସ୍ତକ ‘ଖାକି ମଉଜ’ ଉନ୍ମୋଚିତ



**ଭୁବନେଶ୍ୱର, ୧୫/୦୯**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ ‘ଖାକି ମଉଜ’ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି ବହିଟିକୁ ପ୍ରଶଂସା କରିବା ସହ ଏହାକୁ ପ୍ରତ୍ୟେକ ଓଡ଼ିଆ ପାଠକମାନେ ପଢ଼ିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି।

ଏଥିସହିତ ଜୀବନକୁ ମଉଜ ମନେକରିବା ଏକ କଳା ଏବଂ ଶ୍ରୀ ମିଶ୍ରଙ୍କ ପୁସ୍ତକ ସେ କଳାର ଏକ ସଫଳ ପରିପ୍ରକାଶ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଓଡ଼ିଶା ପୁଲିସର ପୂର୍ବତନ ମହାନିର୍ଦ୍ଦେଶକ, ପୂର୍ବତନ ସିଆରପିଏଫ ନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ନିଜର ପିଲାଦିନ ଓ ଦୀର୍ଘ ଚାକିରି ଜୀବନର ବହୁ ରୋଚକ ଅନୁଭୂତିକୁ ଚଟୁଳ ବ୍ୟଙ୍ଗାତ୍ମକ ଶୈଳୀରେ “ଖାକି ମଉଜ” ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ପୁସ୍ତକଟିକୁ ମୂଳ ଇଂରାଜୀରୁ ଅନୁବାଦ କରିଛନ୍ତି ଚିନ୍ମୟ ହୋତା। ପୁସ୍ତକଟିକୁ ପ୍ରକାଶ କରିଛନ୍ତି ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ।

ସୋମବାର ସଂଧ୍ୟାରେ ସଚିବାଳୟଠାରେ ପୁସ୍ତକ ଉନ୍ମୋଚନ ଅବସରରେ ଲେଖକ ଓ ଅନୁବାଦକଙ୍କ ସମେତ ବରିଷ୍ଠ ଲେଖକ ଓ ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ କଥାକାର ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାର ଅଭାବ ନେଇ ରାଜଭବନ ଘେରିଲା ବିଜେଡି : ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ




**ଭୁବନେଶ୍ୱର, ୧୫/୯**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସାର ସମସ୍ୟାକୁ ନେଇ ସୋମବାର ରାଜଭବନ ସମ୍ମୁଖରେ ପ୍ରତିବାଦ କରିଛି ବିଜୁ ଜନତା ଦଳ। ଚାଷୀଙ୍କ ପାଇଁ ବିଜେଡି ଲଢ଼େଇ କରିବା ସହ ରାଜଭବନ ସମ୍ମୁଖରେ ବିଜେଡି-ପୁଲିସ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟରେ ଚାଷୀଙ୍କୁ ସାର ମିଳୁନି, ସାର ସଙ୍କଟ ପାଇଁ ଚାଷୀକୂଳ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ଯାହାକୁ ନେଇ ରାଜଭବନ ଆଗରେ ବିଜେଡି ଧାରଣା ଦେଇଛି। ଏଥି ସହିତ ଏହି ବିକ୍ଷୋଭ ସମାବେଶରେ ବିଜେପି ସରକାର ଉପରେ ବିଜେଡି ନେତା ବର୍ଷିଛନ୍ତି। ଏ ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ପହଞ୍ଚି ପାରିଲାନି ଆବଶ୍ୟକ ସାର । ସାର ପାଇଁ ତହଲବିକଳ ହେଉଛନ୍ତି ଚାଷୀ । ମନ୍ତ୍ରୀମାନେ କହୁଛନ୍ତି, ରାଜ୍ୟରେ ଯଥେଷ୍ଟ ସାର ମହଜୁଦ ଅଛି। ଯଦି ସାର ଅଛି, ତେବେ ଚାଷୀଙ୍କୁ କାହିଁକି ମିଳୁନି। ମିଛ କହୁଛନ୍ତି ମନ୍ତ୍ରୀମାନେ। ସାର ଯୋଗାଣକୁ ବ୍ୟବସ୍ଥିତ ଓ କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ରାଜ୍ୟର କୃଷକ ସମାଜକୁ ସରକାର ଭୁଆଁ ବୁଲାଉଥିବା ବିଜେଡି ଅଭିଯୋଗ ଆଣିଛି ।

ସେପଟେ ପ୍ରତିବାଦ ପରେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି ବିଜେଡି। ଯଦି ସମସ୍ୟାର ସମାଧାନ ନହେଲା ତେବେ ଆଗକୁ ଜିଲ୍ଲାପାଳ ଅଫିସ ଏବଂ ବ୍ଲକ ଅଫିସ ସାମ୍ନାରେ ଧାରଣା ଦେବ ଦଳ। ବିଜେଡିର ଯୁକ୍ତି ରାଜ୍ୟରେ ଚାଷୀଙ୍କର ସମସ୍ୟା ବଢିବାରେ ଲାଗିଛି। ଧାନର ଅଭାବୀ ବିକ୍ରି ଚାଲିଛି। ଖରିଫ ଋତୁରେ ଚାଷୀ ପଞ୍ଜିକରଣର ସମସ୍ୟା ରହିଛି । ଆଉ ସାର ଅଭାବ ଚାରିଆଡେ ଦେଖାଦେଇଛି । ମୁଖ୍ୟମନ୍ତ୍ରୀ ବାରମ୍ବାର ସମୀକ୍ଷା କରିଛନ୍ତି ହେଲେ ଉପମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ କହୁଛନ୍ତି ରାଜ୍ୟରେ ସାରର ଅଭାବ ନାହିଁ । ରାତି ଅଧାରୁ ଚାଷୀ ଆଧାରକାର୍ଡ ଧରି ରାତି ଅନିଦ୍ରା ହୋଇ ଛିଡା ହେଉଛନ୍ତି। ସରକାର ତାଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗନ୍ତୁ ଆଉ ବିରୋଧୀ ନେତା ଏନେଇ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ଚାଷୀଙ୍କୁ ପ୍ରତାରଣାର ସବୁ ସୀମା ଟପିଲାଣି ବୋଲି ଅଭିଯୋଗ ଆଣିଛି ବିଜେଡି ।

# ବାଇଶି ପାହାଚରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

**ପୁରୀ, ୧୫/୯ ନ୍ୟୁଜ ବ୍ୟୁରୋ**

ବାଇଶି ପାହାଚରେ ଟଳି ପଡ଼ିଲେ ଶ୍ରଦ୍ଧାଳୁ। ମହାପ୍ରଭୁଙ୍କ ଦର୍ଶନ ହେଲା ଶେଷ ଦର୍ଶନ। ସୋମବାର ଶ୍ରୀମନ୍ଦିରରେ ଏଭଳି ଏକ ଅଭାବନୀୟ ଘଟଣା ଶ୍ରଦ୍ଧାଳୁଙ୍କ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ମୃତା ମହିଳା ହେଲେ ଖଣ୍ଡପଡ଼ା ଅଞ୍ଚଳର ମନ୍ଦାକିନୀ ସାହୁ। ସୂଚନା ଅନୁସାରେ, ମନ୍ଦାକିନୀ ପିଣ୍ଡଦାନ କରିବା ଲାଗି ପରିବାର ସହିତ ପୁରୀ ଆସିଥିଲେ। ପିଣ୍ଡଦାନ ପରେ ସେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହା ପରେ ବାଇଶି ପାହାଚରେ ହଠାତ ସେ ଅସୁସ୍ଥ ଅନୁଭବ କରି ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଘାସିରାମ ନୂଆପଡା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ !

**ଭୁବନେଶ୍ୱର, ୧୫/୯ ନ୍ୟୁଜ ବ୍ୟୁରୋ**

ଘାସିରାମ ନୂଆପଡା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇପାରିନ୍ତି । ଏନେଇ ପରୋକ୍ଷରେ ସଂକେତ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଗତ ନିର୍ବାଚନରେ ଘାସିରାମଙ୍କୁ ଟିକେଟ ଦିଆଯାଇ ନଥିଲା । ସର୍ବକ୍ଷମା ପରେ ଏବେ ଜିଲ୍ଲା ସଂଯୋଜକ ଅଛନ୍ତି ଘାସିରାମ । ଗତ ନିର୍ବାଚନରେ ଘାସିରାମ ୫୧ ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ ପାଇଥିଲେ । କଂଗ୍ରେସ ଭୋଟ ବ୍ୟାଙ୍କ ଦେଖି ଭୟଭୀତ ଅନ୍ୟ ଦଳ ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ଯେତେ ଅଫର ଆସିଲେ ବି ବିକ୍ରି ହେବେନି ବୋଲି କହିଛନ୍ତି ଭକ୍ତ ଦାସ।

# ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ : ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର

**ନୂଆପଡ଼ା, ୧୫/୯ ନ୍ୟୁଜ ବ୍ୟୁରୋ**

ଛତିଶଗଡ ଗରିଆବନ୍ଧ ଏସ୍‌ପିଙ୍କ ପାଖରେ ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ। ତାଙ୍କ ନାଁ ଝାନ୍ସୀ ଓରଫ ବାଛେଲା ମଟାମି ହୋଇଥିବା ବେଳେ ସେ ରାଜସ୍ଥାନର ବୋଲି ଜଣା ପଡିଛି। ସେ ନଗର ଏରିଆ କମିଟି ସଚିବ ଭାବରେ କାମ କରୁଥିବା ବେଳେ ତାଙ୍କ ମୁଣ୍ଡ ଉପରେ ଥିଲା ୮ ଲକ୍ଷ ପୁରସ୍କାର। ୨୦୦୫ରେ ପ୍ରଥମେ ମିଲିସିଆ ଭାବରେ ମାଓ ସଂଗଠନରେ ଯୋଗ ଦେଇ ୨୦୧୧ ଅକ୍ଟୋବର ୩୧ରେ ବିବାହ ଓ ପରେ ୨୦୧୪ରେ ଛତିଶଗଡ ଗରିଆବନ୍ଧ ଜିଲ୍ଲା ମେନପୁର ଅଞ୍ଚଳରେ ଏସିଏମ ଭାବରେ ଯୋଗ ଦେଇଥିଲେ। ପରେ ଡେପୁଟି କମାଣ୍ଡର ଓ କମାଣ୍ଡର ପରେ ସଚିବ ହୋଇ କାମ କରୁଥିଲେ।

ଗତବର୍ଷ ବାଗଡିଗୀ ଜଙ୍ଗଲରେ ତାଙ୍କ ସ୍ୱାମୀ ସତ୍ୟମ ଗାବଡେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହେବା ପରେ ସେ ଆତ୍ମ ସମର୍ପଣ କରିବା ନେଇ ଚିନ୍ତା



କରିଥିଲେ। ମାଓ ସଂଗଠନରେ ମିଳିଥିବା ନିର୍ଯାତନା, ସାଧାରଣ ଲୋକଙ୍କୁ ଜୋର ଜବରଦସ୍ତି ସଂଗଠନରେ ପୁରାଇବା, ଠିକାଦାରଙ୍କ ଠାରୁ ବେଆଇନ ଚାନ୍ଦା ଆଦାୟ ଭଳି ଅନେକ ମାଓ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ଥିଲେ। ସରକାରଙ୍କ ଆତ୍ମ ସମର୍ପଣ ଓ ପୁନର୍ବାସ ନୀତି ପାଇଁ ସୋମବାର ଆତ୍ମ ସମର୍ପଣ କରିଥିଲେ ଝାନ୍ସୀ। ଯାହାକୁ ଗରିଆବନ୍ଧ ଏସ୍‌ପି ରାଖେଚା ସୂଚନା ଦେଇଥିବା ବେଳେ ଅନ୍ୟ ମାଓବାଦୀମାନଙ୍କୁ ମଧ୍ୟ ଆତ୍ମ ସମର୍ପଣ କରିବା ପାଇଁ ଆହ୍ୱାନ କରିଛନ୍ତି।